RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in


ଜୁନ୍ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

PRACHEE





**ମୁଖ୍ୟ ଉପଦେଷ୍ଟା**

**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ତୃତୀୟ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫ଠ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, june 2020, Issue No. III
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

କାର୍ଯ୍ୟନିର୍ବାହୀ ସଂପାଦକ:
**ଡ. ସୁମନ୍ତ ସାଇଁ**

ପରିଚାଳକ ସଂପାଦକ:
**ଡ. ଦିପକ କୁମାର ଦାଶ**

ସହ ସମ୍ପାଦକ :
**ଡ. ନାରାୟଣ ମହାନ୍ତି**
**ଡ. ଅଞ୍ଜୁମନ ଆରା**
**ଡ. ଆଲୋକ କୁମାର ବରାଳ**
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
**ଡ. ଜ୍ଞାନୀ ଦେବାଶିଷ ମିଶ୍ର**
**ଡ. ନେତାଜୀ ଅଭିନନ୍ଦନ**
**ଡ. ନିରୋଦ କୁମାର ମନ୍ତ୍ରୀ**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ପ୍ରଶାନ୍ତି ସାଇଁ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**

ଅଲଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪



Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...


କଇଦି
– ପ୍ରଫେସର ନିତ୍ୟାନନ୍ଦ ମିଶ୍ର ୦୭

ଡ୍ରାକୁଲାର ଦାଢ଼୍ୟତା ଭକ୍ତି
– **ଡ଼ା ବନୋଜ କୁମାର ରାୟ** **୧୨**

ହଁ, ଆମ ଭିତରେ କିଛି ଥିଲା
– ପ୍ରତିମା ଦାସ ୧୭

ହାସ୍ୟରସର ଯାଦୁକର - ଉତ୍କଟଘଂଟ କବି ଯଦୁମଣି :
ଏକ ବିହଙ୍ଗାବଲୋକନ
– ସୁଧିର କୁମାର ମହାପାତ୍ର ୨୦

ସମ୍ପର୍କ
– ଅରୁଣ କୁମାର ବିଶ୍ୱାଳ ୨୫

**ଗହଣା**
– ବିଜନ ରାୟ ୨୭

**ସମୁଦ୍ର କେତେ ଦୂର**
– ବିନୟ କୁମାର ମହାପାତ୍ର ୨୭

ଧ୍ୱଂସ ପଥେ
– ବିଦ୍ୟୁତଲତା ଦାସ ୨୮

**ଦୁଇ ପିଆଲା ଚା'**
– ସୁଜାତା ମିଶ୍ର ୨୮

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ...................................................... ପିନ୍‌କୋର୍ଡ୍ ..................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର............................................... ତାରିଖ.....................................

ବ୍ୟାଙ୍କ୍.......................................... ସ୍ଥାନ.........................................................

ତାରିଖ...................................... ଦସ୍ତଖତ..........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**


ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧
E-mail : pracheepatrika@rediffmail.com, Web. : www.pracheenews.com

# କଇଦି

ପ୍ରଫେସର ନିତ୍ୟାନନ୍ଦ ମିଶ୍ର

**ଗ**ଳ୍ପର ନାୟକ ମୁଁ ନିଜେ ବୈଷ୍ଣବ ପଟ୍ଟନାୟକ । ମୁଁ ନିଜେ କହିବି ନିଜର କାହାଣୀ । ଏ କାହାଣୀ ସ୍ୱାଧୀନତା ଆନ୍ଦୋଳନ ସମୟର । ଏ କାହାଣୀ ଏଯାବତ୍ ଅକୁହା ରହିଯାଇଛି । ଏ କାହାଣୀ ମୁଁ କହିବି, ଆପଣ ଶୁଣିବେ । ମୁଁ ଏକ ଅଶରୀରୀ ଆତ୍ମା । ମୋ ସ୍ମୃତିର ଅଙ୍ଗନରେ ବହୁ ଲୋଭନୀୟ ଏଥିରେ ପରିଦୃଶ୍ୟ । ଆପଣଙ୍କ ସାମ୍ନାକୁ ଆଣିବି ଗୋଟିକ ପରେ ଗୋଟିଏ । ଶୁଣନ୍ତୁ...

ପୁରୁଣା ରାଜପ୍ରାସାଦ, ଛିଡ଼ା ହୋଇଛି ବହୁ କାଳରୁ । ତା' ସାମ୍ନାରେ ଲମ୍ବିଯାଇଛି ଗୋଟିଏ ପ୍ରଶସ୍ତ ମଜବୁତ୍ ରାସ୍ତା । ସିଦ୍ଧ ବଳରାମ ମନ୍ଦିର ଦେଇ ଜିଲ୍ଲା କାରାଗାର ଆଡ଼କୁ ଲମ୍ବି ଯାଇଛି । କାରାଗାର ଆଗରେ ଗୋଟେ ପ୍ରକାଣ୍ଡକାୟ କଦମ୍ବ ବୃକ୍ଷ । ବୁଢ଼ୀ ଅସୁରୁଣୀର ଲମ୍ବ ଲମ୍ବ ହାତ ଗୋଡ଼ ପରି ତା'ର ଡାଳଗୁଡ଼ାକ ମାଡ଼ିବସିଛି ତମାମ ରାସ୍ତାଟାକୁ । କାରାଗାର ଚାରିପଟେ ମେଘନାଦ ପାଚିରି । ପାଚିରିରେ ଗୋଟେ ବୃହଦାକାର ଗେଟ୍ । ଗେଟ୍ ଡେଇଁ ଭିତରକୁ ଗଲେ ଆଉ ଏକ ସୁଉଚ୍ଚ ପ୍ରାଚୀର । ପ୍ରାଚୀରର ଅଭ୍ୟନ୍ତରକୁ ରହିଛି ଧାଡ଼ି ଧାଡ଼ି ଘର । ସେସବୁ ନାନା ପ୍ରକାରର କଇଦୀମାନଙ୍କ ଖୁଆଡ଼ । ରାଜବନ୍ଦୀ, ବିଚାରାଧୀନ ବନ୍ଦୀ, ଦଣ୍ଡିତ କଇଦୀ । ମୋ ଭଳି ଫାଶୀ ଆସାମୀ ରହିବା ପାଇଁ ଛୋଟ ଛୋଟ ସେଲ୍ । ହଁ, ମୁଁ ଫାଶୀ ଆସାମୀ ଥିଲି ଏକ ନିର୍ଜନ କକ୍ଷରେ । ପାଞ୍ଚ ଫୁଟ୍ ଲମ୍ବ ଓ ଚାରିଫୁଟ୍ ଚଉଡ଼ାର ସାମ୍ରାଜ୍ୟ ମୋର । ଝରକା ବିହୀନ, ଆଲୋକର ବଞ୍ଚିତ କ୍ଷୁଦ୍ର ସେଲ୍‌ଟିରେ କେତେବେଳେ ଦିନ ହୁଏ କେତେବେଳେ ରାତି ହୁଏ, ମୁଁ ଜାଣି ପାରେନି । ବକଟେ କବାଟରେ ଥାଏ ଟିକି କଣାଟିଏ ।

କଦମ୍ବ ବୃକ୍ଷଟି ମୋର ଭାରି ପ୍ରିୟ । ଆମ ଗାଁ' ଘର ଆଗରେ ଥାଏ ଏଇ ଗଛରୁ ଗୋଟିଏ । ତା'ରି ଛାଇ ତଳେ ମୋର ଚପଳ ଶୈଶବ, ଆଦ୍ୟ କୈଶୋର ଓ ଲଳିତ ଯୌବନର ସମୟ କଟିଛି । ମୁଁ ଦୁବରୁ ଦ୍ରୁମ ହେଇଛି । ପ୍ରାବୃଟର ଘନ ବାରି ବର୍ଷଣରେ କଦମ୍ବର ଡାଳେଡାଳେ, ପତ୍ରେ ପତ୍ରେ ଶୋଭା ମଣ୍ଡିଯାଏ । ଡାଳ ଶୀର୍ଷମାନ କଢ଼ କାଖେଇ ଫୁଲେଇ ହୁଅନ୍ତି । ଫୁଲ ଫୁଟେ ଅସୁମାରୀ । ଫୁଲ ଫୁଟି ବାସ୍ନା ଚହଟିଯାଏ ଦିଗ ବିଦିଗ, ଫୁଲ ଶୁଖି ମଉଳି ଯାଏ । ସେଥିରୁ ଲଙ୍ଗଳା ଗୋଟମାମାନ ମାଟି ଆଡ଼କୁ ଚାହିଁ ଉର୍ଦ୍ଧ୍ୱ ଶୀର୍ଷାସନ କରୁଥା'ନ୍ତି । ପବନର ଛୁଆଁରେ ମୋର ଶୈଶବ ପୁଲକିତ ହୁଏ, ଯୁବାମନ ମୋର ରୋମାଞ୍ଚିତ ହୁଏ । ଏଇକଥା ମନେପଡ଼ି କାରାଗାରର ନିଭୃତ ଅନ୍ଧକାର କକ୍ଷରେ ଥାଇ ଶୋକାଚ୍ଛନ୍ନ ହୋଇଉଠେ ମୋର ଜୀବନ, ବ୍ୟଥାତୁର ହୋଇଉଠେ ପ୍ରାଣ । ଗୁମୁରି ଗୁମୁରି କାନ୍ଦିଉଠେ ମନ, ମୋ ହୃଦୟ ବେଦୀର ପ୍ରେମ ପ୍ରତିମାର ଆରାଧନା ପାଇଁ । ଆଖିରୁ ଅମାନିଆ ଲୁହ ଧାର ଧାର ହୋଇ ବୋହିଯାଏ । ପିନ୍ଧାଲୁଗା ଓଦା ହୋଇଯାଏ । ଆଗରେ ମାଟିର ପଲମରେ ବଗଡ଼ା ଚାଉଳର ଭାତ ଓ ତେନ୍ତୁଳି ଖଟା । ଶୋଇବା ପାଇଁ ସିମେଣ୍ଟ ଚଟାଣ ଓ ଖଣ୍ଡେ କମ୍ବଳ । ସଂଗ୍ରାମୀର ଜୀବନ ତ୍ୟାଗର ଜୀବନ, ସାଧନାର ଜୀବନ ବୋଲି ସବୁକିଛି ଚଳିଯାଏ । ଦେହକୁ ବାଧେନା ସିନା, ମନକୁ ବାଧେ । ମନ କେବଳ ମୋ କବଳିତ ନୁହେଁ, ମନ ଉପରେ ଆଉ ଜଣଙ୍କର ବି ଅଧିକାର ଅଛି । ଆକାଶର ରୂପେଲି ଜହ୍ନର, ମାୟା ମରୀଚିକାର ।

ଆପଣଙ୍କୁ ମୋ ସ୍ମୃତିର ଆହୁରି ଗହୀରକୁ ଡାକିନେବି । ଅଗଷ୍ଟ ନଅ ତାରିଖ ପରର ଘଟଣା । ଗାନ୍ଧିଜୀଙ୍କ ଡାକରା – ମାର ଅବା ମର । ତୁମେ ନିଜ ନିଜର ନେତା । ମୁକ୍ତିର ନିଶାରେ ସ୍ୱେଚ୍ଛାଚାରୀ ଶାସନକୁ ଖତମ କର । ଆମେ ପଞ୍ଚାଏ ସେଥିରେ ମାତିଲୁ । ବିପ୍ଳବ ବାହିନୀ ଗଢ଼ି ଅଧିକାର କଲୁ ମଢ଼ି ଥାନା । ସମସ୍ତ ସରକାରୀ ଘରଦ୍ୱାର ଜାଳିପୋଡ଼ି ଛାରଖାର କରିଦେଲୁ । ସଶସ୍ତ୍ର ସଂଗ୍ରାମ ହେଲା । ମୁଁ ଥିଲି ସମ୍ମୁଖଭାଗରେ । ମୋ'ରି ପାଖରୁ ଦୁଇଜଣ ସଂଗ୍ରାମୀ ଗୁଳିବିଦ୍ଧ ହେଇ ଟଳିପଡ଼ିଲେ ରଣଭୂମିରେ । ବୀର ସହିଦଙ୍କ ରକ୍ତରେ ରକ୍ତରଞ୍ଜିତ ହେଲା ଢେଙ୍କାନାଳର ଜହ୍ନାପଡ଼ା ମାଟି । ରଜାର ପୋଲିସ୍ ବହୁ ସଂଖ୍ୟାରେ । ଆମେ ହାତ ଗଣତି ସ୍ୱାଧୀନତା ସେନାନୀ । ପ୍ରାଣତ୍ୟାଗ କରିବାର କିଛି ଅର୍ଥ ନଥିଲା । ମୁଁ ଆତ୍ମଗୋପନ

କରିବା ପାଇଁ ଖସି ପଳାଇଲି । ରାଜ୍ୟ ପୋଲିସ୍ ମୋର ଟେର୍ ପାଇଲା ନାହିଁ । ବିପନ୍ନ ଜୀବନକୁ ଧରି ବୁଲିଲି । ରାଜଦ୍ରୋହ ଅପରାଧରେ ପୋଲିସ୍ ମୋ ପଛେ ପଛେ ଛାଇପରି ଗୋଡ଼େଇ ଥାଏ । ବଣ ଜଙ୍ଗଲରେ ବୁଲି ଗୋଡ଼ ହାତ ଲହୁ ଲୁହାଣ । ମନେ ପଡୁଥାଏ ସାଥୀ ସଂଗ୍ରାମୀଙ୍କ କଥା, ମନେ ପଡୁଥାଏ ଘରେ ଛାଡ଼ି ଆସିଥିବା ସେଇ ଏକାକୀ ସାହାହୀନ ଜୀବନ ବିତୋଉ ଥିବା ନିରୀହା ଅବଳାର କଥା ।

ସେଦିନ ଆକାଶରେ ଚନ୍ଦ୍ର ହସୁଥା'ନ୍ତି ତାରାମାନଙ୍କ ମେଳରେ । କେହି ଜଣେ ମୋ ପାଖରେ ପହଞ୍ଚାଇଥା'ନ୍ତି କିଛି ଖାଦ୍ୟ ପଦାର୍ଥ । ଦେହ, ମନ ଟିକିଏ ହାଲୁକା ଲାଗୁଥାଏ । ମୁଁ ବଣରେ ଥାଏ । ମନେ ପଡୁଥାଏ ଗୋଟିଏ ପ୍ରୀତିପୁଲକିତ ସମୟର କଥା । ସେ ସ୍ୱାଧୀନତା ସଂଗ୍ରାମୀ ପରିବାରର ଏକମାତ୍ର ଝିଅ । ଆମ ଗାଁ' ପାଖର । ଅଳ୍ପ ଉଚ୍ଚ, ତନୁ ପାତେଳୀ, ପାନପତର ପରି ମୁହଁ । ଆମ ଗାଁ ସ୍କୁଲ୍‌କୁ ନିତି ଆସେ ପାଠ ପଢ଼ିବା ପାଇଁ । ମୋ ବାପା ଚାଲି ଯାଇଥିଲେ ମୋ ପିଲାବେଳୁ । ଘରକୁ ବୋହୂଟିଏ ଚାହୁଁଥିଲା ମୋ ମା' । ଦିନେ ନାଟକୀୟ ଢଙ୍ଗରେ ତା' ସହିତ ମୋର ଦେଖା । ସ୍କୁଲ୍‌କୁ ଆସିବା ବାଟରେ ତାକୁ ଜଣେ ପ୍ରେମ ନିବେଦନ କରୁଥିଲା । ସେ ସାହସର ସହିତ ପ୍ରତ୍ୟାଖ୍ୟାନ କରିଥିଲା ସେ ନିବେଦନକୁ । ଅସଫଳ ପ୍ରେମିକ ତାକୁ ଟଣା ଝିଙ୍କା କରୁଥିଲା । ଝିଅଟି ପାଟିକଲା । ମୁଁ ଯାଉଥିଲି ସେଇବାଟେ । ମତେ ଦେଖି ଖଳନାୟକ ଖସିଗଲା । ପ୍ରେମର ଫଲଗୁ ସ୍ରବିଗଲା ସେଇଦିନୁ ଦୁଇକୂଳ ଖାଇ । ବାହାଘର ଯାଏଁ ଚିଠି ଦିଆନିଆ, ଲୁଚାଛପା ଭେଟାଭେଟି ।

ହଁ, କହୁଥିଲି ରଣକ୍ଷେତ୍ରରୁ ପଳାୟନ ପରେ ମୁଁ ଜୀବନ ଧରିଥିଲି ସେଇ ଭଲପାଇବାକୁ ନେଇ । ଦେଶପାଇଁ ଲଢ଼ିବାର ଆନନ୍ଦ ସହିତ ବିବାହିତ ଜୀବନର ଆନନ୍ଦାନୁଭୂତିକୁ ପାଥେୟ କରି । ମୋ ପାଦ ମତେ ଟାଣିନେଲା ଜଙ୍ଗଲରୁ ଆମ ଘରଯାଏଁ । ନିଶୂନ ରାତି । ମୋ ଅନିଶ୍ଚିତ ଜୀବନରେ ତାକୁ ଭେଟିବାର ଅପୂର୍ବ ପୁଲକ ଜାଗି ଉଠୁଥିଲା । ଡେରି ନକରି ମୁଁ ଘର କବାଟ ଖଡ଼ ଖଡ଼ କଲି । କବାଟ ଖୋଲିଲା ନାହିଁ । ମୋ ହୃଦୟ ଥରିବାକୁ ଲାଗିଲା । ନାନା ଭୟ, ଆଶଙ୍କା ଛୁଇଁଲା ମନକୁ । ପୁଣି କବାଟରେ ଶବ୍ଦ କଲି ।

କିଏ...କିଏ... ବୋଲି ଭିତରୁ ଭାସିଆସିଲା ତା'ର ଭୟାର୍ତ୍ତ କଣ୍ଠସ୍ୱର ।

'ମୁଁ...ମୁଁ..., କବାଟ ଖୋଲ, ଭୟ କରନି ।' ଏଥର କବାଟ ଖୋଲିଗଲା । ଘନ ଅନ୍ଧାରରେ ତା'ର ମୁହଁ ମୁଁ ଦେଖିପାରିଲି ନାହିଁ । ଛାୟାମୂର୍ତ୍ତି ଭଳି ଭୟରେ ସେ ଘର ଭିତରକୁ ଦୌଡ଼ି ପଳାଇଲା । ମୁଁ ଛୁଟିଲି ତା' ପଛେ ପଛେ । ଘରକଣରେ ସେ ଲୁଚିଯାଇଥିଲା । ମୁଁ ତାକୁ ମୋ ବାହୁ ବନ୍ଧନରେ ଟେକିନେଲି । ପରିଚୟ ପାଇ ସେ ମତେ ଆକ୍ତାମାକ୍ତା ହେଇ ଚାହିଁଲା ବହେକାଳ । ତା' ପରେ ତା'ର ବୁକୁଫଟା କାନ୍ଦଣାରେ ଘର ଫାଟି ପଡ଼ିଲା । ଆନନ୍ଦ ଓ ବିସ୍ମୟରେ ସେ ମତେ କୁଣ୍ଢାଇ ଧରିଲା । ତା'ର କାନ୍ଦଣାରେ ମୁଁ ଛାନିଆଁ ହୋଇଯାଉଥିଲି । ପୋଲିସ୍ ଭୟ ମତେ ଖାଇଯାଉଥିଲା । ତା' ପାଟି ମୁଁ ଚାପି ଧରିଲି । ସେ ଟିକିଏ ସାହସ ପାଇ ସକ ସକ ହେଇ କହିଲା – 'ମୋ କଥା ତମର ଟିକିଏ ମନେପଡୁ ନଥିଲା । ମୁଁ ମଲିଣି କି ଗଲିଣି, ତା'ର ଖୋଜ ଖବର କିଛି ରଖିଲ ନାହିଁ । ଏତେଦିନେ ମନେପଡ଼ିଲା ।'

ମୋ ବୁଦ୍ଧି ବଣା ହୋଇଗଲା । କ'ଣ କହି ତାକୁ ବୁଝେଇବି, ବୁଝିପାରିଲି ନାହିଁ । କହିଲି – 'ମୋ ପାଖରେ ବେଳ ନାହିଁ ତମକୁ ସବୁକଥା କହିବାକୁ । ମୋ ପଛରେ ପୋଲିସ୍ । ମୁଁ ଗିରଫ ହେବି । ମୋ କଥା ଟିକିଏ ଶୁଣ । ନହେଲେ ମୁଁ ଯାଉଛି ।' ଏତିକି କହି ମୁଁ ଘରୁ ପାଦ କାଢ଼ିଲି । ସେ ମୋ ଗୋଡ଼ତଳେ ପଡ଼ିଗଲା । ପୁଣି କାନ୍ଦିଲା ଭୋ-ଭୋ ହୋଇ । ତାକୁ ତଳୁ ଉଠାଇ ଧରିଲି । ଚିତ୍ରପ୍ରତିମା ଭଳି ଭୟରେ ଜଡ଼ସଡ଼ କାଠ ମୂର୍ତ୍ତିଟିଏ ମୋ ବାହୁ ବଳୟରେ । ତା'ର ଦେହ ମୋ ଦେହର ସ୍ପର୍ଶ ପାଇ ଲଟେଇ ଉଠିଲା । ନାଲି କସ୍ତାଶାଢ଼ୀର ଅସଂଲଗ୍ନ ବେହରଣ ଭିତରେ ସେ ଏକଦମ୍ ଗୋଟିଏ ଲବଣିପିତୁଳା ପାଲଟିଗଲା । କଢ଼ଟିରୁ ସେ ଫୁଲ ହୋଇଗଲା । ତା'ର ଦେହ ଏକ ଅଜଣା ବାସ୍ନାରେ ମହକି ଉଠୁଥିଲା । ମୁଁ ତାକୁ ନିବିଡ଼ ଭାବରେ ଆଘ୍ରାଣ କରିଚାଲିଲି । ସେତେବେଳେ ଆମ ଚାରିକଡ଼େ ତରଳ ଅନ୍ଧକାର ଆଉ ବହଳ ଶୂନ୍ୟତା । ଅନ୍ଧକାର ଓ ଶୂନ୍ୟତାରେ ଆରୋହଣ କରି ଆମେ ଦୁହେଁ ହଜି ଯାଉଥିଲୁ । ଦୁହେଁ ମିଶି ଏକାକାର ହୋଇଯାଉଥିଲୁ । ହଠାତ୍ ମୋ ଜ୍ଞାନ ଫେରିଆସିଲା । ପୁଣି ହୃଦୟ ଦୁକ୍ ଦୁକ୍ ହେଲା ଭୟରେ । ଶେଷଥର ପାଇଁ ତାକୁ ଘନ ଆଶ୍ଲେଷ ଦେଇ ମାଟି ଉପରେ ଠିଆ କରାଇଦେଲି, ଆଉ କହିଲି ମୁଲାୟମ କଣ୍ଠରେ – 'ଏଃ, ମୋ କଥା ଶୁଣିବୁ ?'

– କୁହ ।

– 'ମୁଁ ଗୋଟେ କଥା କହିବି । ମୋ କଥା ରଖିବୁ ନା' ?

– କୁହ ।

– 'ଉ ହୁଁ, ମୋ ଦେହ ଛୁଇଁ ରାଣ ଖାଇଲେ କହିବି ।' ମୋ କଥା ଶୁଣି ସେ ହାତେ ଦୂରକୁ ଘୁଞ୍ଚିଗଲା ବିଜୁଳି ଶକ୍ ଖାଇଲା ପରି । ମୋ ହାତ ଧରିପକେଇ ଅନୁନୟ ହେଇ କହିଲା – 'ମତେ ଏତେ ଅବିଶ୍ୱାସ, ମୁଁ କ'ଣ ତୁମ କଥାରୁ କେବେ ବାହାରି ଯାଇଛି ? କୁହ, କ'ଣ କହିବ !'

ମୁଁ କିନ୍ତୁ ଜିଦ୍ କଲି – 'ତମେ ମୋ ଦେହ ଛୁଇଁ ଶପଥ କର ।' ତା' ଆଖିରୁ ଲୁହର ଝରଣା ଫିଟିଗଲା । ସେ ମାଟି ଉପରେ ଅଜାଡ଼ି ହୋଇ ପଡ଼ିଲା । ମୁଁ ହତ୍‌ବାକ୍ ହୋଇଗଲି । ପୁଣି ମୋର ବାହୁ ବଳୟ ଭିତରକୁ ତାକୁ ଉଠାଇ ଆଣିଲି । ବୁଝେଇ କହିଲି – 'ମୋ କଥା ମାନ । ଆମ ଭଲପାଇଁ ମୁଁ କହୁଛି ।' ସେ ସମ୍ମତ ହେଲା ।

– 'ତୁମେ ଦ୍ୱିତୀୟ ହେବ । ଆଉ ଜଣଙ୍କର ହାତଧରି ବାହା ହେଇଯିବ । ଘର ସଂସାର କରି ଖୁସିରେ କାଳ କାଟିବ । ତମେ ଏକଲା ଲୋକ । ତମ ଚାରିପାଖେ ବାଘ, ଭାଲୁ । ଖାଇଯିବେ ଚାଟି, ଚୋବେଇ ଦେବେ ତୁମକୁ ।'

ମୋ ମୁହଁରୁ ଏକଥା ଶୁଣୁ ଶୁଣୁ ସେ ଭୂ-କମ୍ପିତ ହୋଇ ପୁଣି ତଳକୁ ଖସିପଡ଼ିଲା । ଚେତା ଉଡ଼ିଗଲା ତା'ର । ମୁଁ କ'ଣ କରିବି କିଛି ଭାବି ପାରିଲି ନାହିଁ । ମୋ ଜୀବନର ବହୁ ନାଟକୀୟ ଦୃଶ୍ୟ ଭିତରୁ ଏହା ସବୁଠାରୁ ନାଟକୀୟ । ତା'ର ଅଚେତ ଶରୀର ତଳେ ପଡ଼ିଛି । ଏଇ ସମୟରେ କବାଟ୍‌ରେ ଖଡ୍ ଖଡ୍ ଶବ୍ଦ ଶୁଭିଲା । ମୁଁ ତରକି ଗଲି । ପୋଲିସ୍ ମତେ ଖୋଜି ଖୋଜି ଆସିଛି । ଏଇଆ ଭାବି ମୁଁ ଆମ ଘର ପଛପାଖ ଜଙ୍ଗଲକୁ ଖସି ପଳାଇଲି । ପୋଲିସ୍ ମୋ ପିଛା କଲା । ଘନ ଅନ୍ଧକାରର ସୁଯୋଗ ନେଇ ମୁଁ ଅଦୃଶ୍ୟ ହୋଇଗଲି । ମୋ ଦୁଃଖ ଏତିକିରେ ଶେଷ ହୋଇଗଲା ନାହିଁ । ବୁଲା କୁକୁର କାମୁଡ଼ିବାର ଭୟ ମତେ ଠାଏଁ ରହିବାର ଫୁରସତ୍ ଦେଲାନାହିଁ । ବଣ ଜଙ୍ଗଲ ଭିତରେ ମାଇଲ୍ ମାଇଲ୍ ଧରି ଘୂରି ବୁଲିଲି । ଶେଷରେ ଗୟଳମରା ପାହାଡ଼ର ଗୋଟେ ଅଭୟ ଆଶ୍ରା ପାଇଯିବି ବୋଲି ଭାବି ସେଇଠି ପହଞ୍ଚିଲି । ଗାଈଆଳ ପିଲାମାନେ ମୋତେ ଦେଖିପାରିଲେ । ମୋର କରୁଣ ଅବସ୍ଥା ଦେଖି ସେମାନଙ୍କର ମୋ ପ୍ରତି ଦୟାହେଲା । ଭୟ ହୃଦ କନ୍ଦରରୁ କୋରି ଖାଇଯାଏ । ସେଠି ବେଶିଦିନ ରହି ନପାରି ପୁଣି ପଶିଲି ଘୋର ଜଙ୍ଗଲ ଅଭ୍ୟନ୍ତରକୁ । କୁସିଆ ଗାଁ' ପାଖରେ ପହଞ୍ଚିଲି । ସେ ମୋ ମଇତ୍ର ଭଗବାନ ପଣ୍ଡାରର ଗାଁ' । ଭଗବାନ ମୋ ପିଲାଦିନର ସାଙ୍ଗ, ଅତି ପ୍ରିୟବନ୍ଧୁ ମୋର । ଆଉ କିଛିଦିନ ବଞ୍ଚିଯିବ ବୋଲି ମନରେ ଦମ୍ଭ ପଶିଲା । ଭଗବାନ ମତେ ରକ୍ଷାକଲେ । ତା' ଘରେ ଥାଏଁ, ଭଗବାନ ଦିନେ ମତେ କହିଲା – 'ଆରେ, ତୁ ମୋ ହେପାଜତରେ ଅଛୁ ମାନେ ତୋର ଆଉ କେହି କିଛି କରିପାରିବେ ନାହିଁ । ଆ, ଆମ ଘରଆଡ଼େ ବୁଲିଆସିବୁ । ତୋ ଭାଉଜ ବହୁତ କରି କହିଛି ମତେ ।'

ଏହା କହି ତା' ସାଙ୍ଗରେ ମତେ ତା' ଘରକୁ ନେଇଗଲା । ତା' ଦାଣ୍ଡଘରେ ମୁଁ ବସିଥାଏ । ସେ ଘର ଭିତରକୁ ଗଲା । ଭାଉଜକୁ ଧରି ମୋ ପାଖକୁ ଫେରିଆସିଲା । କେବେ ଯୋଉ ଭାଉଜକୁ ମୁଁ ନେତ୍ରରେ କେବେ ଦେଖିନାହିଁ, ତାକୁ ଆଣି ମୋ ଆଗରେ ଛିଡ଼ା କରେଇ ଦେଲା । ଭଗବାନ ମୋ ପଛପଟକୁ ବୁଲିଆସିଲା । ହଠାତ୍ ସେ ମୋ ଉପରକୁ କୁଦିପଡ଼ି ମତେ ଗୋଟେ ମୋଟା ଲଙ୍ଗଳ ଦଉଡ଼ିରେ ବାନ୍ଧି ପକେଇଲା କେଇଟା ପୁରସ୍କାର ଟଙ୍କା ପାଇଁ । ମୁଁ ହତବାକ୍ ହୋଇଗଲି । ନିଜକୁ ବି ବିଶ୍ୱାସ କରିପାରିଲି ନାହିଁ । ତା' ପରେ ଏ ଲୌହ କାରାଗାରରେ ଦେଖିଲି ନିଜକୁ ।

ଦୀର୍ଘ ଚାରିବର୍ଷ ଏଇ ନିବୁଜ କାରାକକ୍ଷରେ କେତେ ବିନିଦ୍ର ରଜନୀ, କେତେ ଅଥୟ ଦିବସର ଦୁଃଖ ଭୋଗିଛି ମୁଁ । ବର୍ଷାର ଅଭିସାର, ବସନ୍ତର ଛାନ୍ଦସିକତା, ବୈଶାଖର ରୌଦ୍ରମୁଖର ରୁକ୍ଷ ଅନୁଜ୍ଞା ମୋ ପାଇଁ ଅଗୋଚର । ଏ କାଳକୋଠିରେ ମୁଁ ପଡ଼ି ରହିଛି ବୟାଳିଶ ମାସ ଫାଶୀଖୁଣ୍ଟକୁ ଅପେକ୍ଷା କରି କରି । ସାଥୀ ରାଜବନ୍ଦୀମାନେ, ଯିଏ ନୁହଁନ୍ତି ଅପରାଧୀ, ସେମାନେ ମୋ ସେଲ୍ ପାଖକୁ ଆସି ଗଲା କବାଟ ବାଟେ ମତେ ଆସନ୍ନ ସ୍ୱାଧୀନତା ପ୍ରାପ୍ତିର ସୁଖଦ ସମ୍ବାଦ ଦେଇଛନ୍ତି । ମୁଁ ଶୁଣିଛି କେନ୍ଦ୍ରରେ ଅନ୍ତରୀଣ ସରକାର ଗଢ଼ା ହୋଇଛି ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ । ଶୁଣିଛି, ସମସ୍ତ ଗଡ଼ଜାତ ରାଜ୍ୟମାନଙ୍କର ଓଡ଼ିଶା ପ୍ରଦେଶରେ ବିଲୟ ହବାର ଖବର । ଶୁଣିଛି, ଧୀରେ ଧୀରେ ବନ୍ଦୀମାନଙ୍କର କାରାଗାରରୁ ମୁକ୍ତ ହେବାର ଖବର ମଧ୍ୟ । ଖୁସିଲାଗେ ସବୁ

ଶୁଣି । ସାରା ବିଶ୍ୱରେ ଯୁଦ୍ଧର ଘନଘଟା ତଥାପି ବି ଲାଗି ରହିଛି । ଜର୍ମାନ ସହ ଇଂଲଣ୍ଡର ଭୟାବହ ସମରର ଶେଷ ହୋଇନାହିଁ । ଏଇ ଯୁଦ୍ଧର ଫଳାଫଳ ଉପରେ ନିର୍ଭର କରେ ଆମ ଦେଶର ଭବିତବ୍ୟ ।

ମୋ ସେଲ୍ ସାମ୍‌ନାରେ କୋଳାହଳ ଶୁଭିଲା । ଭାରିଯୋତା ଶବ୍ଦ । ମୋର ଶେଷ ସମୟ ହାଜର୍ । ମୁଁ ପ୍ରସ୍ତୁତ ହୋଇଗଲି ମନେମନେ । ପିଲାଦିନୁ ବାପା ଚାଲିଯାଇଥିଲେ । ସ୍ନେହମୟୀ ମା' ବି ଚାଲିଯାଇଛନ୍ତି । ଜୀବନର ଏକମାତ୍ର ସହଯାତ୍ରୀ ଥିଲା ଯିଏ ତାକୁ ବିସର୍ଜି ଦେଇଛି ଏଇ ହାତରେ ଅନ୍ୟଜଣଙ୍କ ପାଖରେ । ସିଏ ଭଲରେ ଥାଉ । ବୃନ୍ତଚ୍ୟୁତ ହୋଇ କଦମ୍ବର ଶୁଖିଲା ଗୋଟମା ତଳକୁ ଖସି ପଡ଼ିଲା ପରି ମୁଁ ହୁଏତ ବୃନ୍ତରୁ ଖସିପଡ଼ିବି । ଖୁବ୍ ଶୀଘ୍ର । କେହି ନହେଲେ ବି ସିଏ ମୋ ଫାଶୀ ଖବର ପାଇ ଲୁଚି ଲୁଚି ଲୁହ ଢାଳିବ ଆଉ କାହାର ବାହୁ ବନ୍ଧନରେ ବନ୍ଦିନୀ ହୋଇ ।

ଭାରିଯୋତା ଶବ୍ଦ ନିକଟତର ହେଲା । କାଳ କକ୍ଷର ଦ୍ୱାର ସହସା ଖୋଲିଗଲା । ଭିତରକୁ ପଶିଆସିଲେ ଜେଲର୍ ସାହେବ । ମୁଁ ସେହିପରି ବସି ରହିଥାଏ ମୋ ଜଗତରେ । ଚାରିବର୍ଷ ଭିତରେ ମୋର ଅବରୁଦ୍ଧ କୋଠରୀ ମଝିରେ ମଝିରେ ଅକସ୍ମାତ ଖୋଲିଥାଏ । ଜେଲରଙ୍କ ସହ ଥିଲେ ପ୍ରଜାମଣ୍ଡଳର କିଛି ଅଗ୍ରନେତା । ଜଣେ କହିଲେ... 'ଉଠ ! କାଳରାତ୍ରୀ ପାହିଯାଇଛି । ତୁମେ ଏବେ ମୁକ୍ତ । ଆକାଶରେ ସୁନ୍ଦରା ଫାଟୁଛି । ସୁନାର ସକାଳ ଆସୁଛି । ତୁମ ଉପରୁ ଫାଶୀଦଣ୍ଡ ଉଠିଯାଇଛି । ରାଜତନ୍ତ୍ର ପରାସ୍ତ ହୋଇଛି ।' ଏଥିରେ ବିଶ୍ୱାସ ହୋଇ ନଥିଲା ।

ଜେଲର୍ ପାଟି ଖୋଲିଲେ – 'ହଁ, ତୁମେ ଏବେ ସମ୍ପୂର୍ଣ୍ଣ ମୁକ୍ତ । ଟିଉନିସିଆ ଯୁଦ୍ଧରେ ଇଟାଲୀ ହାରିଯାଇଛି । ନାଜି ବାହିନୀର ପରାଜୟ ହୋଇଛି । ସେଇ ଆନନ୍ଦରେ...'

ମୁଁ ବାହାରକୁ ଆସିଲି । ଯୁଦ୍ଧରେ ବିଜୟ ଉପଲକ୍ଷେ ସମସ୍ତ ଫାଶୀ ଆସାମୀଙ୍କୁ ମୁକ୍ତ କରାଯାଇଛି । ବିଶାଳ ଜନତା ମୋତେ ଅପେକ୍ଷା କରିଥିଲା । ମୋର ଜିନ୍ଦାବାଦ୍ କରାଯାଉଥିଲା । ଫୁଲହାର ଦେଇ ମତେ ସମ୍ବର୍ଦ୍ଧିତ କରିବା ପାଇଁ ବିଶାଳ ଜନତା ଅପେକ୍ଷାରତ । ମୁଁ ତଥାପି ପ୍ରକୃତିସ୍ଥ ହୋଇପାରି ନଥିଲି । ସେତେବେଳେ ମୋ ମନ ଆକାଶରେ ଅନେକ ଛବି । କେତେବେଳେ ଜହ୍ନ ହସୁଥିଲା ତ କେତେବେଳେ କଳାବାଦଲ ଘନୀଭୂତ ହୋଇ ଭୟଙ୍କର ଝଡ଼ର ସୂଚନା ଦେଉଥିଲା ।

ମୁଁ ସମସ୍ତଙ୍କ ଠାରୁ ବିଦାୟ ନେଇ ଆମ ଗାଁ'କୁ ବାହାରିଲି । ପାଦ ମୋର ବେଗବାନ୍ ଅଶ୍ୱ ପରି ପଡୁଥିଲା । ମୋ ହାତ ଦିଇଟା ଯୋଡ଼େ ଡେଣା ଲେଖେଁ । ମୁଁ ନିଜକୁ ନିଜେ ବି ଜାଣିପାରୁ ନଥିଲି । ଚାଲିଲି, ଚାଲିଲି ଗୋଟାଏ ଆସକ୍ତ ନିଶାରେ । ଆଗରେ ନଈ ବ୍ରାହ୍ମଣୀ । ମେ ମାସ । ଟାଣଖରା ଆଉ ନାହିଁ । ସୂର୍ଯ୍ୟ ତଳକୁ ଢଳିଲେଣି । ବାଲିବନ୍ତ ନଈରେ ଧାରେ ମାତ୍ର ପାଣି । ତଥାପି ଦୂରରେ ମୃଗ ତୃଷ୍ଣାର ଅସାର ନୃତ୍ୟର ଅବସାନ ନାହିଁ । ଆଗକୁ ସନ୍ଧ୍ୟା ହେବ । ଚଳାଏ ପାଣି ପିଇବାକୁ ମନ ଡାକୁଥାଏ । ନଈ ଆରପଟେ କେତେ ଗାଁ' ଗଣ୍ଡାକୁ ପାରି ହବାକୁ ହବ । ସେପଟକୁ ଆଉରି ରାମିଆଳ ନଈ ଶୋଇଛି ବାଟ ଓଗାଳି । ଏ ନଈ ପରେ ଆଉ କିଛି ବାଧାବିଘ୍ନ ନାହିଁ । ଗୋଟେ ଦି'ଟା ଗାଁ' ପରେ ପରେ ପଡ଼ିବ ଆମ ଗାଁ' । ପାଦ ଘୋଷାରି ଘୋଷାରି ଚାଲିଲି ଦେହର ସମସ୍ତ ବଳ ପ୍ରୟୋଗ କରି ।

ଆଗରେ ଗୋଟେ ଗାଁ' । ଗାଁ' ଭିତରେ ପଶିଲି । କିଏ କିମିତି ଦେଖା ହେଉଥା'ନ୍ତି । କାହା ସହିତ କଥା ହବାକୁ ମୋର ବେଳ ନଥିଲା । ଆଗରୁ ଆସୁଛନ୍ତି ଦଳେ ସ୍ତ୍ରୀ'ଲୋକ । ପାଖାପାଖି ହେଇଗଲେଣି । ରାସ୍ତାକଡ଼ କୂଅରୁ ପାଣି ନେଉଛନ୍ତି । ଆଉ କେତେଜଣ ମହିଳା କଳସୀ କାଖେଇ ଫେରୁଛନ୍ତି । ମୁଁ ଆଗକୁ ଚାହିଁଲି । ଜଣେ ଭଦ୍ର ମହିଳା ଆଗରୁ ଆସୁଥିଲେ । ସଫା ଦିଶୁଛି । ଅଳ୍ପ ଉଚ୍ଚ । ଗୁଣ୍ଠୁଣୀ ହାତୀର ସୁକୁମାର ଚାଲି । ସିନ୍ଥି ପକେଇ ମୁଣ୍ଡ କୁଣ୍ଡେଇଛି । ଚଉଡ଼ା କପାଳରେ ସୁଗୋଲ ସିନ୍ଦୁର ଟୋପା ଝଲମଲ ଦିଶୁଛି । ଝୁଣୁଝୁଣୁ ଶବ୍ଦ କରୁଛି ପାଦରେ ଝୁଣ୍ଟିଆ । ଛୋଟ ଛୋଟ କାନରେ କମନୀୟ ଦିଶୁଚି କାନର ଗୋଲ୍ ଗୋଲ୍ କୁଣ୍ଡଳ । ବାଁ' କାଖରେ ଖାଲିମାଠିଆ । ଡାହାଣ ହାତରେ ଧରିଛି ଛୋଟ ପିଲାଟିକୁ ।

ହଠାତ୍ ମୋ ପାଦ ତଳର ମାଟି ଖସିଗଲା । ଆକାଶ ଚକ୍କର୍ କାଟି ମୋ ମୁଣ୍ଡ ଉପରେ ଘୂରୁଥିଲା । ଚାରିପଟେ ଗଛବୃଛ ସବୁ ଚକାଭଉଁରୀ ଖେଳୁଥିଲେ । ମୁଁ ମାଟି ଉପରେ ବସିପଡ଼ିଲି । ସେ କେତେବେଳେ ଆସି ମୋ ସାମ୍ନାରେ ଠିଆ ହୋଇଯାଇଥିଲା । ମୋ ପାଦଛୁଇଁ ନମସ୍କାର ହେଲା । ଅବୋଧ ଶିଶୁଟିକୁ ବି ମୁଣ୍ଡିଆ ମରେଇଲା । ତା'ର ମୁକ୍ତାନିନ୍ଦି ଦାନ୍ତ, ତା'ର ନିଟୋଳ ଆଖି,

କପାଳରେ ଝୁଲୁଥିବା ଅସଂଲଗ୍ନ ଚୂର୍ଣ୍ଣ କୁନ୍ତଳ କି ସୁନ୍ଦର ଦିଶୁଥିଲା । ସେ ଅଳ୍ପ ଅଳ୍ପ ହସୁଥିଲା । ମୁଁ ତା' ମୁହଁକୁ ଚାହିଁପାରୁ ନଥିଲି । ଆଖିରୁ ମୋର ଲୁହ ଗଡ଼ିଆସୁଥିଲା ।

– 'ତମେ ଆଇଚ !' ତା' ମୁହଁରେ ଆଶ୍ଚର୍ଯ୍ୟ ଲେପି ହୋଇଯାଉଥିଲା ।

ମୁଁ ନୀରବ । ମୋ ମୁହଁରୁ ଭାଷା କିଏ ଛଡ଼େଇ ନେଇଥିଲା ।

– 'ତମେ ସତରେ ଆଇଚ ? କୁହନା । କେତେ ଦିଅଁ ଦେବତାଙ୍କୁ ତମପେଇଁ ଡାକିଚି । ମୁଣ୍ଡ ବାଡ଼େଇଚି କେତେଥର । ତାଙ୍କୁ ସାହାହୁଅ ପ୍ରଭୁ । ତାଙ୍କୁ ରକ୍ଷା କର...'

ଟଳମଳ ପାଦରେ ମୁଁ ଆସି ଆମଘର ଦୁଆର ଆଗରେ ଅଟକି ଗଲି ବୁଢ଼ା କଦମ୍ବଗଛ ତଳେ । ଏଇ କଦମ୍ବଗଛ ମୋ ପିଲାଦିନର ସାଥୀ । ବଡ଼ ଅନ୍ତରଙ୍ଗ ସେ ମୋର । ତା'ରି ମୂଳରେ କେତେ ପୁଆ ବାଡ଼ି ଖେଳିଛି । ଯୌବନର ରୋମାଞ୍ଚିତ ମୁହୂର୍ତ୍ତମାନ ବିତିଯାଇଛି ତା'ରି ସ୍ନିଗ୍ଧ ଛାୟା ତଳେ । ପ୍ରଜାମଣ୍ଡଳର କେତେ ଯୋଜନା ଏଇଠି ସଜଡ଼ା ହୋଇଛି । ଏହାରି ମୂଳରେ ମୋ ମା'ର ମଲାଶରୀର କୋକେଇ-ପଲଙ୍କରେ ଶୋଇଛି । ଆଜି ସେଇ କଦମ୍ବଗଛରେ ଜଗତର ସମସ୍ତ କାଳିମା ଲେସିହୋଇ ଯାଉଥିବାର ମତେ ଲାଗିଲା ।

ମୁଁ ଗୋଟେ ଗଭୀର ଗାତରେ ଖସିପଡ଼ିଲା ପରି ମନେକଲି । ଏହା ପରର କଥା ଆପଣଙ୍କ ପାଇଁ ଅବାନ୍ତର । ଏସବୁ ଅକୁହାକଥା ମୋ ପେଟ ଭିତରେ ଥିଲା । ମୋ ଜୀବନର ଅମୂଲ୍ୟ ନିଧିଟିକୁ ପରହାତରେ ଟେକିଦେଇ ଅପରାଧ ଅର୍ଜନ କରିଛି କି ପୁଣ୍ୟ କରିଛି ତାହା ମୁଁ ଜାଣେନି । ସେ ବିଚାର ଆପଣମାନଙ୍କର । ତେବେ ସ୍ୱାଧୀନତା ଆନ୍ଦୋଳନ ଏହାକୁ ଏକ ମଧୁର ସ୍ମୃତି ଭାବରେ ସାଇତି ରଖିବେ ବୋଲି ଏହା ବିଶ୍ୱାସକରି ମୁଁ ଆଖି ବୁଜିଛି ।

**(ଏହି ରଚିତ ଗଳ୍ପଟି ୧୯୪୨ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରମୁଖ ସଂଗ୍ରାମୀ ମୂଷା ମଲ୍ଲିକଙ୍କ ଜୀବନର ସତ୍ୟ ଘଟଣା ଉପରେ ଆଧାରିତ)**

ଶାନ୍ତିଛାୟା, ଶ୍ୟାମାଚରଣପୁର, ଢେଙ୍କାନାଳ

***ପ୍ରଫେସର୍ ନିତ୍ୟାନନ୍ଦ ମିଶ୍ର ବୃତ୍ତିରେ ଜଣେ ଶିକ୍ଷାବିତ୍ । ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଶ୍ରଦ୍ଧା ଓ ବ୍ୟୁତ୍ପତ୍ତି ରହିଛି । ତାଙ୍କର କେତେଗୁଡ଼ିଏ ଐତିହାସିକଗଳ୍ପ ପାଠକୀୟ ଆଦୃତିଲାଭ କରିଛି । ଏଯାବତ୍ ତାଙ୍କର ଦୁଇଖଣ୍ଡ କବିତା ସଂକଳନ, ଗୋଟିଏ ଐତିହାସିକ ରଚିତ ଉପନ୍ୟାସ, ଓଡ଼ିଶାର କିମ୍ବଦନ୍ତୀ ସମ୍ବଳିତ ଏକ ଗଳ୍ପ ପୁସ୍ତକ ଏବଂ ଇଂରେଜୀରେ ଓଡ଼ିଶା ଇତିହାସ ତଥା ସଂସ୍କୃତି ଉପରେ ଏକ ଏନ୍‌ସାଇକ୍ଲୋପେଡ଼ିଆ ଗ୍ରନ୍ଥ ପ୍ରକାଶିତ ହୋଇଛି । ରଚିତ ଉପନ୍ୟାସଟି ପ୍ରଜାମଣ୍ଡଳର ମହାନ୍ ନେତା ବୀର ବୈଷ୍ଣବ ପଟ୍ଟନାୟକଙ୍କ ସଂଗ୍ରାମୀ ଜୀବନ ଉପରେ ଆଧାରିତ । ପ୍ରକାଶ ଅପେକ୍ଷାରେ ଥିବା ବହିଗୁଡ଼ିକ ହେଲା ଚରିତ ଉପନ୍ୟାସ – ସାରଙ୍ଗଧର ଓ ଆଉକିଛି ସାହିତ୍ୟ କୃତି । ସାରଙ୍ଗଧର ଦାସ ଓଡ଼ିଶାର ଅନ୍ୟତମ ତୁଙ୍ଗ ସ୍ୱାଧୀନତା ସଂଗ୍ରାମୀ, ଯିଏ ସାରା ଛବିଶ ଗଡ଼ଜାତରେ ସ୍ୱେଚ୍ଛାଚାରୀ ରାଜତନ୍ତ୍ରର ବିଲୋପ ପାଇଁ ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଣୀ ନେତା ଥିଲେ । ପ୍ରଫେସର୍ ମିଶ୍ର ଅଧୁନା ଅବସରପ୍ରାପ୍ତ ଓ ସାହିତ୍ୟ ତଥା ସମାଜସେବା କାର୍ଯ୍ୟରେ ବ୍ରତୀ ଅଛନ୍ତି । ସେ ଜଣେ ସୁପରିଚିତ ଲେଖକ । ଓଡ଼ିଶାର ଦୈନିକ ଓ ମାସିକ ପତ୍ର ପତ୍ରିକାରେ ତାଙ୍କର ଲଳିତ ନିବନ୍ଧ ପ୍ରକାଶ ପାଇଥାଏ । ସେ ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ।***

# ଡ୍ରାକୁଲାର ଦାଢ଼୍ୟତା ଭକ୍ତି

**ଡ଼ା ବନୋଜ କୁମାର ରାୟ**

**(ଏକ)**

୨୦୦୯ ମସିହା ଅଗଷ୍ଟ ମାସ ୧୫ ତାରିଖ !

ଭାରତ ବର୍ଷରେ ସବୁ ଅଂଚଳ ପରି ଆଦିବାସୀ ଅଧୁସିତ କନ୍ଧମାଳର ଦୁର୍ଗମ ଅଂଚଳ ଗାର୍ଡିଙ୍ଗିଆ ପଂଚାୟତ ମଧ୍ୟ ହର୍ଷ ଉଲ୍ଲାସ ଆନନ୍ଦରେ ସାମିଲ ହୋଇଥିଲା ସ୍ୱାଧୀନତା ଦିବସ ପାଳନ କରିବାରେ । ପଂଚାୟତ ଅଫିସ, ଉଚ୍ଚବିଦ୍ୟାଳୟ ତଥା ଅଙ୍ଗନବାଡ଼ି କେନ୍ଦ୍ର, ଗଚଶାଳୀ ଆଦି ସହିତ ସବୁଠୁଁ ଉତ୍ସବ ମୁଖର ଥିଲା ରଞ୍ଜାବ୍ରାଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ସତେଯେପରି ନବକଳେବର ହୋଇଥାଏ ।

ଅଳିଆ ଆବର୍ଜନା ତଥା ଅବହେଳାରେ ଭର୍ତ୍ତି ହୋଇଥିବା ପରିସରରେ ଅନାବନା ଗଛ ହଟାଯାଇ ଫୁଲ ବଗିଚା ତିଆରି ହୋଇଥିଲା । ଡାକ୍ତରଖାନାକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରାଯାଇ ବିଦ୍ୟୁତ ଆଲୁଅର ବ୍ୟବସ୍ଥା ହୋଇଥିଲା । ଚିତ୍ର (ମାଆ, ଶିଶୁ, ସରକାରୀ, ଟିକାଦାନ ଆଦି) ସହ ଅନେକ ସୁନ୍ଦର ଲେଖାମାନ (ମ୍ୟାଲେରିଆ, ଯକ୍ଷ୍ମା, କୁଣ୍ଠ, ଟିକାଦାନ, ପରିଶେଧକ ବ୍ୟବସ୍ଥା ଇତ୍ୟାଦି) ସ୍ଥାନିତ ହୋଇଥିଲା ।

ଉତ୍ସବର ମୁଖ୍ୟ ଅତିଥି ଥିଲେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ବ୍ଲକ ଉନ୍ନୟନ ଅଧିକାରୀ । ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଚଉଦଗୋଟି ଗାଆଁର ଆଶା, ଅଙ୍ଗନବାଡି କର୍ମୀ, ଧାଇ, ସ୍ୱାସ୍ଥ୍ୟସେବିକାଙ୍କ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ପଂଚାୟତବାସୀମାନେ ହୋଇଥିଲେ ସାମିଲ । ଏ ଧରଣର ଆୟୋଜନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏ ଅଂଚଳ ପାଇଁ ଥିଲା ସମ୍ପୂର୍ଣ୍ଣ ନୂଆ । ତେଣୁ ପ୍ରତିଟି କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରୁଥାଆନ୍ତି ।

ଯଥା ସମୟରେ ଆରମ୍ଭ ହେଲା ପତାକା ଉତ୍ତୋଳନ ଉତ୍ସବ । ଅତିଥିମାନେ ଦେଶାତ୍ମବୋଧକ ଗୀତ ଗାଇବା ସହ ଭାରତମାତାର ଜୟଗାନ କଲେ । ଅତିଥିମାନେ ଉଦ୍‌ବୋଧନ ଦେଇସାରିଲା ପରେ ପଡିଲା ମୋର ପାଳି ଭାଷଣ ଦେବାର । ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ହିସାବରେ ସ୍ୱାଧୀନତା ଦିବସର ତାତ୍ପର୍ଯ୍ୟ ସହିତ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବ୍ୟବସ୍ଥା, ଅବ୍ୟବସ୍ଥା ତଥା ଉନ୍ନତି ବିଷୟରେ ମୋର ବକ୍ତବ୍ୟ ପ୍ରଦାନ କଲି ।

ହଠାତ୍ ଘଟିଲା ଏକ ଅଘଟଣ । ସ୍ଥୁଳ ଶରୀର, ବାଘୁଆ ନିଶ ରଖିଥିବା ଜଣେ ବୟସ୍କ ବ୍ୟକ୍ତି ପାଂଚ ସାତ ଜଣ ସହକର୍ମୀଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ମଟରଗାଡ଼ିରୁ ଓହ୍ଲାଇଲେ । ସେମାନଙ୍କୁ ଦେଖି ସମସ୍ତେ ଛାନିଆଁ । ଛାତ୍ରଛାତ୍ରୀ, ଦର୍ଶନାର୍ଥି, ଗ୍ରାମବାସୀ କିଏ କୁଆଡ଼େ ଦୌଡ଼ି ପଳାଇଲେ । ସଭା ସ୍ଥାନରେ ହାତ ଗଣତି ଆମେ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ କେବଳ ଥିଲୁ । ସେମାନେ ସେହି ସ୍ଥାନରେ ରହି ସ୍ୱାସ୍ଥ୍ୟ କେନ୍ଦ୍ରକୁ କିଛି ସମୟ ନିରୀକ୍ଷଣ କରି ଫେରିପଳାଇ ଗଲେ ମଟର ଗାଡିରେ । ସର୍ବତ୍ର ଖେଳିଗଲା ନିରବତା....... ।

କିଛି କ୍ଷଣ ପରେ ପୁଣି ସମସ୍ତେ ଏକଜୁଟ ହେଲେ । ସଭାକାର୍ଯ୍ୟ ଯଥାଶୀଘ୍ର ଶେଷ ହେଲା । ଏହାପରେ ଆରମ୍ଭ ହେଲା ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ସ୍ୱାସ୍ଥ୍ୟକର୍ମି ତଥା ଅନ୍ୟାନ୍ୟ କର୍ମଚାରୀମାନଙ୍କର ସଭା । ଅଂଚଳର ଶ୍ରେଷ୍ଠ ଆଶା, ଅଙ୍ଗନବାଡ଼ି କର୍ମୀ, ଧାଇ, ସେବିକା ତଥା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଗଲା । ମାତ୍ର ସମସ୍ତେ ଥିଲେ ଭୟାର୍ତ୍ତ ଏବଂ ଆବେଗହୀନ ଦର୍ଶନାର୍ଥି । ସମସ୍ତଙ୍କ ମୁହଁରେ ଗୋଟିଏ ଶବ୍ଦ...... ଡ୍ରାକୁଲା.........ଡ୍ରାକୁଲା ।

**(ଦୁଇ)**

ବରଷାଡି ଘାଟି ଲୋକାରଣ୍ୟ ! ଛୁଆପିଲା, ବୁଢ଼ାବୁଢ଼ି ଘେରି ରହିଛନ୍ତି ଏକ ମୃତଦେହକୁ । ଘାଟି ଉପରେ ଏକ ଶାଳଗଛ ମୂଳେ ପଡିରହିଛି ଏକ ମଧ୍ୟମ ବୟସ୍କ ବ୍ୟକ୍ତିର ଶବ । ପାଟି ନାକରୁ ରକ୍ତ ବାହାରୁଛି । ମୁହଁରେ ଏତେ ଖଣ୍ଡିଆଖାବରା ଯେ ଶବକୁ ଚିହ୍ନିବା କାଠିକରପାଠ ।

ବରଷାଡି ଘାଟି ହେଉଛି ଗାର୍ଡିଙ୍ଗିଆ ପଂଚାୟତକୁ ଯିବାପାଇଁ ଏକ ମାତ୍ର ରାସ୍ତା ଯାହା ଜିଲ୍ଲା ସଦର ମହକୁମା ଫୁଲବାଣୀ–ଟିକାବାଲି–ପାବୁରିଆରୁ ଲମ୍ବିଛି । ପ୍ରାୟ ଅଧ କି.ମି.ରୁ ଅଳ୍ପ ଅଧିକ ଲମ୍ବା ଏହି ଘାଟିଟି ତିଖ ଏବଂ ପଥୁରିଆ, ଆବରା ଖାବଡ଼ା ଯୁକ୍ତ ଯାହା ପାରିହେଲେ ପଡ଼ିବ କନ୍ଧମାଳର ଏକ ଅଗମ୍ୟ ଦୁର୍ଗମ ପଂଚାୟତ, ଯେଉଁଠି ପ୍ରାୟ ତିନିହଜାରରୁ ଅଧିକ ଲୋକ ବାସ କରୁଛନ୍ତି । ଏକ ମାତ୍ର ରାସ୍ତା ହୋଇଥିବାରୁ ସବୁଯାତ୍ରୀ ଏହି ଶବକୁ ଦେଖୁଛନ୍ତି ମାତ୍ର ଶବର ପରିଚୟ ମିଳିଲା ନାହିଁ । ପିମ୍ପୁଡି ଲାଗିଥିବାରୁ

ଏହା ଦଶବାର ଘଣ୍ଟା ପୂର୍ବରୁ ରାତ୍ରରେ ହତ୍ୟା କରାଯାଇ ଥିବା ଅନୁମେୟ । ଦିନ ପ୍ରାୟ ବାରଟା ବେଳକୁ ଟିକାବାଲି ଥାନାରୁ ପୋଲିସ ଆସି ଶବକୁ ଜବତ କରିବା ସହିତ ଆବଶ୍ୟକୀୟ ଅନୁସନ୍ଧାନ କରନ୍ତି । ପଚିଶି ଘଣ୍ଟାଠାରେ ଶବର ପରିଚୟ ମିଳେ ଯାହା ଥିଲା ପଂଚାୟତର ମଣ୍ଡାଗୁଡ଼ା ଗାଆଁର ଜଣେ ବ୍ୟକ୍ତିଙ୍କର । ଏପରି ସୁପରିକଳ୍ପିତ ତଥା ପରିଚୟ ଲୁଚାଇବାକୁ ମୁହଁକୁ ବିକୃତ କରିବା ନେଇ ସମଗ୍ର ଅଂଚଳରେ ଚାଂଚଲ୍ୟ ଖେଳେ । ସବୁରି ମୁହଁରେ ଆଲୋଚନା ଡ୍ରାକୁଲା ଓ ତା'ର ସାଥିମାନଙ୍କର ।

ସନ୍ଧ୍ୟାହେଲେ ଘାଟିବନ୍ଦ । ଯାହା ଯାତାୟତ ଦିନବେଳା ହୁଏ । ନିହାତି ଦରକାର ପଡିଲେ ଦଶପନ୍ଦର ଜଣ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଧରି ମଶାଲ ସହ ଯାତ୍ରା କରନ୍ତି ।

ମାତ୍ର ମୁଁ ଥିଲି ନାଚାର........ । ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହିସାବରେ ତ ମୋତେ ଯିବାକୁ ପଡ଼ିବ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ରାତ୍ର ଚିକିତ୍ସା ତଥା ରୋଗୀଭର୍ତ୍ତିର ବ୍ୟବସ୍ଥା ନଥିବାରୁ ସନ୍ଧ୍ୟାପୂର୍ବରୁ ଫେରିଆସେ । ମାତ୍ର ଏକୁଟିଆ ଏହି ହଜାର ଫୁଟରୁ ଅଧିକ ଉଚ୍ଚ ଘାଟି ମାଟରସାଇକେଲରେ ଚଢ଼ି ଗଲାବେଳେ ସର୍ବଦା ଡରଲାଗେ । ଯଦି କୌଣସି କାରଣ ବଶତଃ...... । ଭଗବାନଙ୍କୁ ଡାକି ଯିବାକୁ ପଡ଼େ ।

ମୋ କାର୍ଯ୍ୟରେ ମୁଁ ଧ୍ୟାନଦିଏ । ଘାଟି ଉପର ଲୋକ ସାମାନ୍ୟ ଚିକିତ୍ସା ତଥା ପ୍ରସବ ପାଇଁ ଯେପରି କୋଡିଏ କି.ମି. ଦୂର ଟିକାବାଲି ଡାକ୍ତରଖାନା ନଯିବେ ତା'ର ବ୍ୟବସ୍ଥା କରାହୁଏ । ଅନେକ ସ୍ୱାସ୍ଥ୍ୟକର୍ମୀ, ଫାର୍ମାସିଷ୍ଟ ତଥା ନିକଟସ୍ଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନେ ପାଖରେ ରହୁଥିବାରୁ ଚଳିବାରେ କିଛି ଅସୁବିଧା ହୁଏନାହିଁ । ସମସ୍ତଙ୍କର ସାହାଯ୍ୟ ସହଯୋଗରେ ଡାକ୍ତରଖାନା ହୁଏ ଅଧିକ ପରିଷ୍କାର-ପରିଚ୍ଛନ୍ନ ତଥା ଉନ୍ନତ । ବିଭିନ୍ନ ପରୀକ୍ଷାପତ୍ର ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗୁଁ ପଂଚାୟତ ତଥା ଆଖପାଖର ରୋଗୀକୁ ଦୂର ଦୂରାନ୍ତର ଯିବାକୁ ପଡ଼େ ନାହିଁ । ସବୁଜ ବନାନୀ ତଥା ଉଜ୍ଜ୍ୱଳ ଆଲୋକମାଳାରେ ସଜ୍ଜିତ ଏହି ଡାକ୍ତରଖାନା ଘାଟି ଉପର ପାହାଡି ଅଂଚଳରେ ଏକ ସଦୃଶ୍ୟ ପ୍ରାସାଦ ପରି ମନେହୁଏ ।

ଘାଟି ଡେ଼ଇଁଲେ ପ୍ରଥମେ ଡାକ୍ତରଖାନା ଓ ପରେ ପରେ ଗାଆଁଗୁଡ଼ିକ ପଡୁଥିବାରୁ ରୋଗୀ ବା ଭୋଗୀ ସବୁବେଳେ ଡାକ୍ତରଖାନାରେ ଭିଡଥାଏ । ବିଦ୍ୟୁତ, ସ୍ୱଚ୍ଛ ପାନୀୟଜଳ, ଦିନରାତ୍ର ଆଶୁ ଚିକିତ୍ସାର ସୁବିଧା ତଥା ଏକ ମନୋରମ ପରିବେଶ ଯୋଗୁଁ ଦିନ କ'ଣ ରାତିରେ ବି ଏହା ଚଳଚଂଚଳ ରହେ ଏବଂ ଅଂଚଳ ବାସୀଙ୍କର ସାଧାରଣ ଜୀବନ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇଯାଏ ।

ମାତ୍ର କିଛି ଦିନ ପରେ ମିଳେ ଘାଟି ଉପରେ ପୁଣି ଜଣଙ୍କର ଶବ । ଠିକ ପୂର୍ବପରି ମଧ୍ୟମ ବୟସ୍କ ବ୍ୟକ୍ତିର ବିକୃତ ମୁହଁ । ଘାଟିସାରା ଭୟ ଖେଳିଯାଏ । ପୁଣି ପୋଲିସ ଆସେ, ଅନୁସନ୍ଧାନ ଚାଲେ । ଗାର୍ଡିଙ୍ଗିଆ ଗାଆଁର ମୃତବ୍ୟକ୍ତିଟି ବୋଲି ଜଣାପଡ଼େ । ଏସବୁ କାର୍ଯ୍ୟ ସେଇ ଡ୍ରାକୁଲାର, ନହେଲେ.......... ।

## (ତିନି)

ସମୟର ସ୍ରୋତରେ ଜୀବନଟା ମାଡିଚାଲେ ଆଗକୁ ଆଗକୁ । ପୁଣି ଚଳଚଂଚଳ ହୋଇପଡ଼େ ଜୀବନ । ତେଲ ଲୁଣ ସଂସାରରେ ଏଇ ଅଂଚଳରେ କିଏ ବଣ ଜଙ୍ଗଲ ଯାଇ କାଠ କାଟି ବା ମହୁଲ ତୋଳେ, କାଠ ପୋଡି ଅଙ୍ଗାର ତିଆରି କରି ବ୍ରିକି କରେ ତ କିଏ କେରଳ ପଳାଏ ଚା, ରବର ବଗିଚା ତଥା କଳକାରଖାନାରେ କାମ କରିବାପାଇଁ । ସ୍ତ୍ରୀ ଭୁଆସୁଣୀମାନେ ଘର ପାଇଟି, ଛୁଆପିଲାଙ୍କ ଯତ୍ନ ସହିତ ବଣଜଙ୍ଗଲରୁ ମହୁଲ, କେନ୍ଦୁପତ୍ର ତୋଳନ୍ତି, ଆମ୍ବଡା, ଖଲି, ଠୁଙ୍ଗା ତିଆରି କରନ୍ତି । ମାତ୍ର ସମସ୍ତଙ୍କ ମନରେ ସର୍ବଦା ରହିଥାଏ ଏକ ଭୟାର୍ତ୍ତ ବାତାବରଣ ଡ୍ରାକୁଲାକୁ ନେଇ ।

କିଏ ଏ ଡ୍ରାକୁଲା...... ? କ'ଣ ପରିଚୟ ବା କାର୍ଯ୍ୟ ?

ସଠିକ ଜଣା ନଥିଲେ ମଧ୍ୟ ତୁଣ୍ଡବାଇଦ ସହସ୍ରକୋଶ ପରି ସମଗ୍ର ଅଂଚଳରେ ଡ୍ରାକୁଲା ବିଷୟରେ ସମସ୍ତେ ଅଳ୍ପ ବହୁତ ଜାଣନ୍ତି । ଦୀର୍ଘ ବପୁ, କଳା ଶରୀର, ବାଘୁଆ ଦାଢ଼ି ସାଙ୍ଗକୁ ଲାଲ୍ ଲାଲଆଖି ହେଉଛି ପରିଚୟ । ତା'ର ଦଶ ପନ୍ଦର ଜଣ ସାଥୀ ଅଛନ୍ତି, ସମସ୍ତେ ଧନୁଶର ବର୍ଛା ଚଳାଇବାରେ ଧୁରନ୍ଧର । ଗାଁ ଗଣ୍ଡା ସହିତ ସ୍ଥାନୀୟ ସହର ବଜାରରେ ଆତଙ୍କ ସୃଷ୍ଟି କରିବା ତାଙ୍କର କାର୍ଯ୍ୟ । ଆଜିକୁ ପନ୍ଦର କୋଡିଏ ବର୍ଷ ହେଲା ଏପରି ଚାଲିଛି ।

ଡ୍ରାକୁଲାର ପୁରା ନାମ କାହାକୁ ଜଣାନାହିଁ । କେହି କେହି ବୟସ୍କ ଲୋକ ଅତି ବେଶୀରେ 'ଡାକୁ ବିଶୋଇ' ବୋଲି କହନ୍ତି । ବୌଦ୍ଧ, କନ୍ଧମାଳ, ଭଞ୍ଜନଗର ତଥା ପୂର୍ବତନ ଘୁମୁସର ଅଂଚଳର ପ୍ରସିଦ୍ଧ ସଂଗ୍ରାମୀ ବୀର, ଯୋଦ୍ଧା 'ଚକରା ବିଶୋଇ'ର ବଂଶଧର ବୋଲି କୁହନ୍ତି । ମାତ୍ର ଅନେକ ଏହାକୁ ଗ୍ରହଣ କରନ୍ତି ନାହିଁ । କାହିଁ ଚକରା ବିଶୋଇ ଓ କାହିଁ ଡାକୁ ବିଶୋଇ ! ଜଣେ ପ୍ରଜାଙ୍କର ତ୍ରାଣକର୍ତ୍ତା ସାଜି ବ୍ରିଟିଶ ସରକାର ତଥା ତାଙ୍କର ଗୋଲାମ ବୌଦ୍ଧ ଘୁମୁସର ରାଜା ସାମନ୍ତଙ୍କ ବିରୁଦ୍ଧରେ କର ଛାଡ, ଜଳ, ଜମି, ଜଙ୍ଗଲ ଉପରେ ଅଧିକାର ପାଇଁ ସଂଗ୍ରାମ କରିଥିଲାବେଳେ ଆଉ ଜଣେ ପ୍ରଜାଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟିକରି ନିଜେ ମଉଜ ମଜଲିସ୍‌ରେ ବ୍ୟସ୍ତ ରହୁଛି ।

ମାତ୍ର ଯେଉଁଦିନ ନନ୍ଦପୁର ଜମିଦାରଙ୍କୁ ଡ୍ରାକୁଲା ତର୍ନିଚିପି ହତ୍ୟାକଲା, ସେଇଦିନଠୁ ଅଂଚଳର ସମସ୍ତେ ତା ବିଷୟରେ ପରିଚିତ ହେଲେ । ଏହାପୂର୍ବରୁ ସେ ଅନେକ ଥର ଜମିଦାରଙ୍କୁ ଧମକ ଚମକ ଦେଇ ତାଙ୍କ ଘରୁ ଜୋର ଜବରଦସ୍ତ ଟଙ୍କା, ସୁନା, ନେଇଯାଇଥିବାର ଶୁଣାଯାଏ । ଡ୍ରାକୁଲା ବହୁତ ଚତୁର ତଥା ଧୂର୍ତ୍ତ, ଯାହାକୁ ଆକ୍ରମଣ କରେ ପରିଚୟ ନଷ୍ଟପାଇଁ ମୁହଁକୁ ବିକୃତ କରିଦିଏ । ହତ୍ୟାପରେ ସର୍ବସାଧାରଣ ଜାଗାରେ ଶବକୁ ପକାଇଦିଏ ଯେପରି ଲୋକ ଭୟ କରିବେ । ହତ୍ୟା ଅପେକ୍ଷା ସେ ଅଧିକାଂଶ ସମୟରେ ଧମକ ଦେଇ ଅର୍ଥ ରୋଜଗାର କରେ । ଟିକାବାଲି, ପାବୁରିଆ, ଘୁ.ଉଦୟଗିରି, ଅଂଚଳରେ ଅନେକ ଲୋକ ତା'ର ଧମକର ଶିକାର ହୋଇଛନ୍ତି ।

କେହି କେହି କୁହନ୍ତି ସେ ଅତି ନିଷ୍ଠୁର, ବିବର୍ଷ ଭାବରେ ହତ୍ୟାକରେ । ଲୋକଙ୍କୁ କଷ୍ଟ ଦେଇ, କଲବଲ କରି ହତ୍ୟା କରିବାରେ ସେ ସୁଖପାଏ । ହତ୍ୟାପରେ ମଦ, ମାଂସ ଖାଇ ଅଟ୍ଟହାସ୍ୟ କରେ, ତାଣ୍ଡବ ନୃତ୍ୟକରେ । ଏହିସବୁ ପାଇଁ ତାକୁ ଡ୍ରାକୁଲା ସହ ତୁଳନା କରାଯାଇ ସେଇ ନାଆଁରେ ସମସ୍ତେ ଜାଣନ୍ତି । ଡ୍ରାକୁଲା ପଂଚଦଶ ଶତାବ୍ଦୀର ୟୁରୋପ ମହାଦେଶର ଜଣେ ଦେଶୀୟ ରାଜା । ଜଣେ ହିଂସ୍ର ପରାକର୍ମୀ କ୍ରୁର ନିଷ୍ଠୁର ସମ୍ରାଟ ରୂପେ ପୃଥିବୀରେ ଗଣାହୁଏ । ନିଜର ବିଶାଳ ଦୁର୍ଗରେ ସେ ନିରାପଦରେ ରହି ଆଖପାଖ ଅଂଚଳ ଉପରେ ଅତର୍କିତ ଆକ୍ରମଣ କରି ନରସଂହାର କରେ । ତାକୁ ବିରୋଧ କରୁଥିବା ଲୋକଙ୍କୁ ଅତି ଦୟନିୟ ଭାବରେ ସେ ହତ୍ୟାକରେ । ଶିଶୁମାନଙ୍କୁ ଜୀବନ୍ତ ପୋଡି ହତ୍ୟା କରିବାରେ ସେ ସୁଖପାଏ । ବେଳେବେଳେ ଶତ୍ରୁର ରକ୍ତରେ ସେ ସ୍ନାନ କରିବା ସହ, ରକ୍ତ ମଧ୍ୟ ପିଇଥାଏ । ହତ୍ୟାପରେ ମଦ୍ୟପାନ କରେ, ଅଟ୍ଟହାସ୍ୟ, ଉର୍ଦ୍ଦଣ୍ଡ ନୃତ୍ୟ କରେ । ବନ୍ଦୀ, ସୈନିକ, ନାଗରିକମାନଙ୍କୁ ଅତି ନୃଶଂସ ଭାବେ ନିର୍ଯ୍ୟାତନା ଦିଏ । ଯେପରି ଶୂଳିରେ ବସାଇବା, ଗରମ ପାଣି ଢାଳିବା, ଜୀବନ୍ତ ଚର୍ମ ଉଠାଇବା, ଅନାହାରରେ ରଖିବା ଇତ୍ୟାଦି ଇତ୍ୟାଦି । ଦୁଃଖ, କଷ୍ଟର ଆର୍ତ୍ତଚିତ୍କାର ଶୁଣିଲେ ଡ୍ରାକୁଲାକୁ ଖୁସି ଲାଗେ ।

ମାତ୍ର ଡାକୁଲା ବିଶେଷ ସାଧାରଣ ଲୋକଙ୍କୁ ମାରିବା, କଷ୍ଟଦେବା ଶୁଣାଯାଏ ନାହିଁ । ଜମିଦାର, ବଡ଼ ବଡ଼ ବ୍ୟବସାୟୀ, ଦଲାଲ, ଶେଠକୁ ଧମକ ବା ହତ୍ୟା କରିଥାଏ । ସରକାରୀ କାର୍ଯ୍ୟରେ ଅବହେଳାକୁ ସେ ସହ୍ୟ କରିପାରେ ନାହିଁ । ରାସ୍ତା ପୋଲ, ସ୍କୁଲଘର, ଅଙ୍ଗନବାଡ଼ି କେନ୍ଦ୍ର, ପଂଚାୟତ ଅଫିସ ଆଦି ନିର୍ମାଣରେ ବିଳମ୍ବ ହେଲେ ବା କିଛି ଅସାଧୁ ଉପାୟ ହେଲେ, ଉକ୍ତ ଠିକାଦାରମାନଙ୍କୁ ସେ ଧମକ ଦେଇଥାଏ । ସ୍କୁଲକୁ ଶିକ୍ଷକମାନେ ନଆସିଲେ, ମଧ୍ୟାହ୍ନ ଭୋଜନ, ସାଧାରଣ ବର୍ନର ଡାଲି, ଚାଉଳ, ଗହମ ଆଦିରେ ହେରଫେର ହେଲେ କଥା ସରିଲା । ଡ୍ରାକୁଲା ଡରରେ ସବୁ ଠିକ ଠାକ ଚାଲେ । ପାବୁରିଆ ଅଂଚଳରେ ମେଲେରିଆ ଔଷଧ ତଥା ଟିକାକରଣକୁ ନେଇ କିଛି ନେତୃସ୍ଥାନୀୟ ବ୍ୟକ୍ତି ସାମାଜିକ ବାସନ୍ଦ ଲଗାଇଥିଲେ, ଲୋକେ ତଥା ଶିଶୁମାନେ ଟିକାଦାନରୁ ବଂଚିତ ହୋଇଥାନ୍ତେ ମାତ୍ର ପୂର୍ବରାତ୍ରରେ ଡ୍ରାକୁଲାର ଧମକରେ ଟିକାଦାନ ତଥା ମ୍ୟାଲେରିଆ ପରୀକ୍ଷା, ଔଷଧ ବର୍ନନ ସଠିକ ରୂପରେ ଚାଲିଥିଲା ।

କନ୍ଧମାଳର ଅଧିବାସୀମାନେ କାହିଁ କେତେକାଳରୁ ପୁରୁଷ ପୁରୁଷ ଧରି ଅଦା, ହଳଦୀ, ମକା, ବିନ ଚାଷ କରିଆସୁଛନ୍ତି । ଅମଳ ସମୟରେ ସଠିକ୍ ବିକ୍ରି ତଥା ସଂରକ୍ଷଣ ପାଇଁ ସୁବିଧା ନଥିବାରୁ ଅଭାବୀ ବ୍ରିକ୍ରୀ ପାଇଁ ସେମାନେ ବାଧ୍ୟ ହୁଅନ୍ତି । ଦେଶୀ ମଦ୍ୟ ତଥା ଜୁଆର ପ୍ରଭାବରେ ଅନେକ କନ୍ଧଚାଷୀ ଅଦରଦରରେ ସେସବୁ ବିକ୍ରି କରିଦିଅନ୍ତି । କୁମୁଟି, ଶେଠ, ସାହୁକାର, ଆନ୍ଧ୍ର ବେପାରୀମାନେ ଏସବୁର ଫାଇଦା ଉଠାନ୍ତି । ମାତ୍ର ଡ୍ରାକୁଲାର ଡର, ଧମକରେ ପ୍ରାୟତଃ ଏ ଅଂଚଳରେ ଅଭାବୀ ବ୍ରିକୀ ନାହିଁ । ସାହୁକାର, ବେପାରୀ ସମସ୍ତେ ସରକାରୀ ଧାର୍ଯ୍ୟ-ଦରରେ ସେସବୁ କିଣନ୍ତି । ଏପରି କିଛି ଗୁଣ ପାଇଁ ସ୍ଥାନୀୟ ଜନସାଧାରଣ କେତାକାଂଶରେ ଡ୍ରାକୁଲାକୁ ପସନ୍ଦ କରନ୍ତି । ମାତ୍ର ସମସ୍ତେ ତାକୁ ଡରି ଭୟରେ ରହିଥାନ୍ତି ।

ବରଷାଡି ଘାଟି ଉପରେ ଥିବା ଡାକ୍ତରଖାନା ସ୍ଥାନୀୟ ଲୋକ, ସ୍ୱାସ୍ଥ୍ୟକର୍ମୀଙ୍କ ସାହାର୍ଯ୍ୟ ସହଯୋଗରେ ଉନ୍ନତି ପଥରେ ଅଗ୍ରସର ହୁଏ । ନୂତନ ଘର ତିଆରି ହୁଏ, ବଗିଚା ସାଙ୍ଗକୁ ରୋଗୀ ଆଶ୍ରୟ ଗୃହ ସହିତ ସମସ୍ତ ରକ୍ତ ପରୀକ୍ଷା ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରସବ ସବୁକିଛି ଧିରେ ଧିରେ ସମ୍ଭବ ହୁଏ । ଖରାଦିନେ ଘାଟି ଉପରେ ଜଳଭାବ ଦେଖାଯାଏ ମାତ୍ର ଡାକ୍ତରଖାନା ପରିସର ନଳକୂପରେ ନିର୍ମଳ ଜଳ ଭରିରହେ । କୂଅରେ ମିଟର ବ୍ୟବସ୍ଥା (Immerssion Pump) ରେ ପାଣି ମିଳିବାରେ ଅସୁବିଧା ହୁଏନି । ଘାଟି ଉପର ପଂଚାୟତର ଅନେକ ପରିବାର ପାନୀୟ ଜଳ ପାଇଁ ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସମସ୍ତଙ୍କର ସହଯୋଗରେ ପରିବେଶ ଆନନ୍ଦମୟ ଥାଏ ।

(ଚାରି)

ସମୟର ସ୍ରୋତରେ ମୋର ବଦଳିହୁଏ ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ବୁର୍ଲାକୁ ସ୍ନାତକୋତ୍ତର ଡାକ୍ତରୀ ଶିଘା ପାଇଁ । ଏଖବର ଶିଘ୍ର ବ୍ୟାପିଯାଏ । ଅନେକ ଶୁଭେଚ୍ଛୁ ମୋତେ ଏଠାରୁ ନଯିବାପାଇଁ କୁହନ୍ତି, ମାତ୍ର ଉଚ୍ଚତ୍ତର ଶିକ୍ଷା ହିଁ ଜୀବନର ଲକ୍ଷ୍ୟ ହୋଇଥିବାରୁ ମୁଁ ସରକାରୀ ନିର୍ଦ୍ଦେଶକୁ ଅପେକ୍ଷା

କରି ମୋ କାର୍ଯ୍ୟ କରୁଥାଏ । ସକାଳ ନଅଟାରୁ ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ମେଡିକାଲରେ କାର୍ଯ୍ୟ । ଟିକାବାଲିରେ ରହି ମୁଁ ଯିବା ଆସିବା କରେ ।

ଦିନେ ଅପରାହ୍ନରେ ମେଡିକାଲ କାର୍ଯ୍ୟ ସାରି ମୁଁ ଫେରୁଥାଏ । ନିର୍ଜନ ଘାଟିରେ ତଳକୁ ଆସୁଥାଏ । ଜଣେ ଦୀର୍ଘ ବପୁଧାରୀ ନିଶୁଆ ବ୍ୟକ୍ତି ମୋ ଗାଡି ଆଗରେ ଠିଆହୋଇ ମୋତେ ଅଟକିବା ପାଇଁ ଇସାରା ଦେଲେ । ଘାଟି ଉପର ଏଇ ଜାଗାରେ ଠିକ କିଛି ମାସ ତଳେ ମୃତଦେହ ମିଳିଥିଲା । ଆଉ ଲୋକଟିର ଚେହେରା ଠିକ ପୂର୍ବ ବର୍ଣ୍ଣିତ ବହୁଳ ପ୍ରଚାରିତ ଡ୍ରାକୁଲା ସହ ମିଶୁଥିଲା । ମୋ ଛାତି ଥରହର......ଅଗତ୍ୟା ଗାଡି ଅଟକାଇ ପରିସ୍ଥିତିର ସାମ୍ନାପାଇଁ ନିଷ୍ପତି ନେଲି । ଗାଡି ଅଟକାଇବା ପରେ ଲୋକଟି ମୋତେ ନିକଟସ୍ଥ ଶାଳଗଛ ପଛ ପଟକୁ ଡାକିନେଇ ଗଲା । ମୁଁ ଯନ୍ତ୍ରବତ୍ ତାଙ୍କ ସହିତ ଚାଲିଲି । ମୋର ଭୟା ̂ ý́ ଶାଳଗଛ ଗଛ ପଟକୁ ଡାକିନେଇ ଗଲା । ମୁଁ ଯନ୍ତ୍ରବତ୍ ତାଙ୍କ ସହିତ ଚାଲିଲି । ମୋର ଭୟା ̂ ý́ ଚେହେରାକୁ ଲକ୍ଷ୍ୟ କରି ସେ ହସିଦେଲେ– ଆଉ କହିଲେ "କିଛି ଭୟ କରନ୍ତୁ ନାହିଁ ଡାକ୍ତର ସାର୍, ଆପଣ ବୋଧହୁଏ ମୋତେ ଠିକ୍ ଚିହ୍ନିସାରିଛନ୍ତି ।"

ମୁଁ ନିରବ ନିସ୍ତବ୍ଧରେ ଜଡ଼ ପରି ଠିଆ ହୋଇଥାଏ । ଲୋକଟି କିଛି ସମୟ ମୋତେ ଉପରୁ ତଳ ପର୍ଯ୍ୟନ୍ତ ନିରୀକ୍ଷଣ କରି ମୋ ହାତକୁ ଧରି ପକାଇ କହିଲେ– "ସାବାସ୍ ସାର୍, ମୁଁ ଆପଣଙ୍କ ପରି ଲୋକ ଖୋଜୁଥିଲି ଆପଣଙ୍କୁ ପାଇସାରିଲା ପରେ ଆପଣଙ୍କ ବଦଳି ଶୁଣି ବହୁତ ଦୁଃଖ ଲାଗିଲା । ଭାବିଲି ଯିବାପୂର୍ବରୁ ଥରୁଟିଏ ଦେଖାସାକ୍ଷାତ କରିଦେଲେ ଭଲଲାଗିବ ।"

ଲୋକଟିର ଅଭୟ ବାଣୀ ଶୁଣି ଟିକିଏ ସାହାସ ଜୁଟିଲା । ହଁ ଇଏ ହେଉଛି ସେଇ ଲୋକ, ସେଇ ଚେହେରା, ସେଇ ନିଶ......ନିଶ୍ଚୟ ଡ୍ରାକୁଲା......ଯାହାକୁ ମୁଁ ସ୍ୱାଧୀନତା ଦିବସରେ ଦେଖିଥିଲି ତଥା ଯାହା ବିଷୟରେ ଅନେକ କଥା ଶୁଣିଅଛି । ସାମାନ୍ୟ ସାହସ ଜୁଟାଇ ଧୀରେ ସ୍ୱରରେ ପ୍ରଶ୍ନ କଲି– "ଆପଣ ମୋତେ ଖୋଜୁଥିଲେ........... ?"

"ସେ ଅନେକ କଥା । ଆପଣ ମୋ ବିଷୟରେ ଅଳ୍ପ ବହୁତ ମେଡିକାଲ କର୍ମଚାରୀ ତଥା ଲୋକଙ୍କ ଠାରୁ ଶୁଣିଥିବେ । ମୁଁ ରମେଶ ବିଶୋଇ........ମାତ୍ର ଲୋକେ ମୋତେ ଡ୍ରାକୁଲା ବା ଡାକୁ ବିଶୋଇ ବୋଲି ଜାଣନ୍ତି । ଆପଣଙ୍କ ବିଷୟରେ ବହୁତ ଶୁଣିଛି, ମେଡିକାଲରେ ସାଜସଜ୍ଜାଠାରୁ ଆରମ୍ଭ କରି ସୁବିଧାସୁଯୋଗ, ରୋଗୀ ଚିକିତ୍ସା, ରକ୍ତ ପରୀକ୍ଷା, ପିଲାଜନ୍ମ ସବୁକିଛି ଆପଣଙ୍କ ପାଇଁ ସମ୍ଭବ ହୋଇଛି । ଆପଣଙ୍କ ପୂର୍ବରୁ ଏହା ତ ଏକ ଭୂତ ଘର ପରି ଥିଲା ।"

"ସରକାର ସାହାର୍ଯ୍ୟ ଦେଉଛନ୍ତି ଦରମା ଦେଉଛନ୍ତି, ମୁଁ ତ ମୋ ଦାୟିତ୍ୱ ଯାହା ତୁଲାଇଛି ଏଥିରେ......... ।" କିଛି ସମୟ ନିରବ ରହି କହିଲି – "ଆପଣଙ୍କ ଉପରେ ମଧ୍ୟ କନ୍ଧମାଳର ସ୍ୱାସ୍ଥ୍ୟ ବିଭାଗ ଋଣୀ । କାରଣ ଆପଣଙ୍କ ଯୋଗୁଁ ହିଁ ଟିକାକରଣ, ଜନନୀ ସୁରକ୍ଷା ଯୋଜନା, ମ୍ୟାଲେରିଆ ମୁକ୍ତ ଯୋଜନା ଆଦି ଜିଲ୍ଲାରେ ସଫଳ ହେବାକୁ ଯାଉଛି ।"

ମୋ କଥା ଶୁଣି ସେ ସାମାନ୍ୟ ହସିଲେ । ମୋ ମନରେ ତାଙ୍କ ପ୍ରତି ଭୟ ଦୁରେଇ ଯାଇଥିଲା, ଜାଗି ଉଠିଥିଲା ବନ୍ଧୁତ୍ୱ ଭାବ ।

ସେ କହିଲେ – "ବରଷାଡି ଘାଟି ମୁଣ୍ଡରେ ଯେଉଁ ଶିବ ମନ୍ଦିର ଅଛି, ସେଥିରେ ଥିବା ଶିବଲିଙ୍ଗ ଦେଖିଛନ୍ତି.......... ।"

"ହଁ ଯାହା ବାହାରୁ ଦେଖିଛି, କେବେ ଭିତରକୁ ଯାଇ ଦେଖିବାର ସୌଭାଗ୍ୟ ମିଳିନି । ମାତ୍ର ଅନେକ ସମୟରେ ଏହା ଖୋଲା ରହିଥାଏ । ପୂଜା-ପାଠ ହୁଏ ନାହିଁ, ନିର୍ଜନ ସ୍ଥାନଟା ଯାହା ଶିବରାତ୍ରୀ ପୂର୍ବଦିନ ନୂଆରଙ୍ଗ ପାଇଥାଏ ।"

"ଠିକ କହିଛନ୍ତି । ପେଟ ଚିନ୍ତା, ଭୋକ ଚିନ୍ତା, ମଦ୍ୟ ଜୁଆ ଚିନ୍ତାରେ ଶିବ ଲିଙ୍ଗ କଥା କିଏ ଭାବିବ । ମାତ୍ର ମହାଶିବରାତ୍ରୀ ପୂର୍ବରୁ ମୋ ଲୋକମାନେ ଆସି ଏହି ଜାଗାକୁ ସଫା ସୁତରା କରି ରଙ୍ଗ ଦେଇଥାନ୍ତି । ପୂଜାପାଠ କରିଥାନ୍ତି, ଆଉ ମୁଁ ରାତ୍ରିସାରା ତା ଭିତରେ........ ।"

"ତା' ଭିତରେ......କ'ଣ କରନ୍ତି, ପୂଜାପାଠ ?"

ମୋର ଆଶ୍ଚର୍ଯ୍ୟଭାବକୁ ଦେଖି ସେ କହିଲେ – "ଆପଣ ଠିକ ଭାବିଛନ୍ତି, ମାତ୍ର ମୁଁ ନିରୋଳା ଉପାସ ରହି ଜାଗର ଜାଳିଥାଏ, ଆମ ଅଂଚଳ ବୌଦ୍ଧ, କନ୍ଧମାଳ, ଘୁମୁସର କଥା ଭାବେ । ଲୋକଙ୍କର ଦାରିଦ୍ର୍ୟ, ଅଶିକ୍ଷା, ଅନ୍ଧବିଶ୍ୱାସ, କୁସଂସ୍କାର, ଜୁଆ ମଦ୍ୟ ପିଇବା କଥା ଭାବେ । ଏଥିରୁ ମୁକ୍ତି ପାଇଁ ମହାଦେବଙ୍କୁ ପ୍ରାର୍ଥନା କରେ । ଆଉ ମୋର ଧାରଣା ମହାଦେବ ମୋ କଥା ଶୁଣିଛନ୍ତି ।"

"କିନ୍ତୁ ଏପର୍ଯ୍ୟନ୍ତ ତ ଏସବୁ ଏଠାର ଚିର ସହଚର ........... ।"

"ପୁରୁଷ ପୁରଷର ଅଜ୍ଞାନତା, ଦାରିଦ୍ର୍ୟତା, ଅନ୍ଧବିଶ୍ୱାସ କେଇଁଟା ବର୍ଷରେ ବଦଳି ଯିବନି, ମୋର ବିଶ୍ୱାସ ମହାଦେବ ହିଁ

ଆପଣଙ୍କୁ ଏ ଅପନ୍ତରା ଜାଗାକୁ ଟାଣି ଆସିଥିଲେ .........।"

"କିନ୍ତୁ ମୁଁ ଏପର୍ଯ୍ୟନ୍ତ ବୁଝିପାରିନି ଆପଣ ମହାଦେବଙ୍କୁ ଭକ୍ତି କରନ୍ତି, ଅଂଠଳ କଥା ଚିନ୍ତା କରନ୍ତି, ମାତ୍ର ଏ ହତ୍ୟା, ଲୁଣ୍ଠନ, ଧମକ........ ?"

"ଆପଣ ଠିକ ପଚାରିଛନ୍ତି । ମୁଁ କେବେ ହତ୍ୟା କରେ ନାହିଁ । ସାହୁକାର, କୁମୁଟି, ଦଲାଲମାନଙ୍କୁ ଧମକ ଦିଏ । ଅନ୍ୟାୟ ବିରୁଦ୍ଧରେ ସ୍ୱର ଉ ି ÿ୍ରାଳନ କରେ । କନ୍ଧଙ୍କୁ ତା ଜମିର ଅଧିକାର, ଚାଷୀକୁ ସଠିକ ଅଦା, ହଦଳୀର ମୂଲ୍ୟ, ଜୁଆ, ଦେଶୀମଦ ବେପାରୀଙ୍କ କବଳରୁ ସାଧାରଣ ଲୋକଙ୍କୁ ରକ୍ଷା କରିଥାଏ ।"

"ଏ ଘାଟି ଆଉ ଠିକ ଏଇ ଜାଗାରେ ଯେଉଁ ଦୁଇଟା ହତ୍ୟା ହୋଇଥିଲା ନନ୍ଦପୁର ଜମିଦାରଙ୍କୁ ହତ୍ୟା କ'ଣ.... ?"

"ଏ ଜାଗାର ପ୍ରଥମ ହତ୍ୟା ଥିଲା ମଣ୍ଡାଗୁଡାର ଜୁନେଶ ଯାହାର ଗାଡିଙ୍ଗିଆର ଅଲେଖ ସହିତ ଜୁଆ, ମଦକୁ ନେଇ ଝଗଡ଼ା ଥିଲା । ଗାଡିଙ୍ଗିଆ ଲୋକ ମିଶି ଜୁନେଶଙ୍କୁ ମାରିଥିଲେ, ପରିଚୟ ଲୁଚେଇବା ପାଇଁ ମୁହଁକୁ ବିକୃତ କରିଥିଲେ । ଏହାର ଜବାବରେ ମଣ୍ଡାଗୁଡା ଜୁନେଶର ସାଥିମାନେ ଅଲେଖକୁ ହତ୍ୟା କରିଥିଲେ । ଠିକ ସେଇ ଢଙ୍ଗରେ, ଏଇ ଜାଗାରେ । ମାତ୍ର ସମସ୍ତେ ଦୋଷ ଦିଅନ୍ତି ମୋତେ.... । ଅତି ନିକଟ ଲୋକମାନେ ଠିକ କଥା ଜାଣନ୍ତି । ଆଉ ଆପଣ ନନ୍ଦପୁର ଜମିଦାର କଥା କହିଲେ ତାଙ୍କୁ ମୁଁ ଧମକ ଦେଇଥିଲି, ହତ୍ୟା କରି ନଥିଲି । ବୁଢ଼ା ଜମିଦାର ମଧୁମେହ, ରକ୍ତଚାପରେ ପିଡ଼ିତ ଥିଲା । ଅଧିକ ରକ୍ତଚାପ ଯୋଗୁଁ ମୁଣ୍ଡ ବୁଲାଇ ପଡିଗଲା, କିଛି ସମୟ ପରେ ବେହୋସ ହୋଇ ମରିଗଲା । ଦୋଷ କିନ୍ତୁ ଦିଆଗଲା.........।"

"କିନ୍ତୁ ଆପଣ ତ ସତକଥା ପ୍ରଚାର କରିପାରିଥାନ୍ତେ............।"

"ଲାଭ କ'ଣ ହୋଇଥାନ୍ତା, ମାତ୍ର ଏହାଦ୍ୱାରା ସମସ୍ତେ ମୋତେ ଡରିଲେ, ଜମିଦାର, ବ୍ୟବସାୟୀ କୁମିଟି, ଶେଠ, ଜୁଆଡିଙ୍କ କବଳରୁ ସାଧାରଣ ଲୋକ ମୁକ୍ତି ପାଇଲେ.........।" ମୁଁ ଚାହେଁ ମୋ ଲୋକଙ୍କ ଉନ୍ନତି, ଯାହା ମୋ ବାପା ଗୋସିବାପ କରୁଥିଲେ । ଆପଣ ତ ଚକରା ବିଶୋଇଙ୍କ କଥା ଶୁଣିଥିବେ ।"

"ଖାଲି ଶୁଣିନି, ଭଲ ଭାବରେ ଜାଣିଛି, ତାଙ୍କର ସଂଗ୍ରାମ ଥିଲା ବ୍ରିଟିଶ ତଥା ପ୍ରଜାବିଦ୍ୱେଷୀ ରାଜାଙ୍କ ବିରୁଦ୍ଧରେ....... ଆପଣଙ୍କର..... ? ତାଛଡ଼ା ତାଙ୍କର ମାଧ୍ୟମ ଓ ଆପଣଙ୍କ ମାଧ୍ୟମ ଭିତରେ ବହୁତ ଫରକ୍..... ?"

"ମାଧ୍ୟମ ଫରକ ହୋଇପାରେ ଉଦ୍ଦେଶ୍ୟ ତ ଏକ ।"

"କିନ୍ତୁ କନ୍ଧମାଳର ମୂଳ ସମସ୍ୟା ଅଶିକ୍ଷା, ଅନ୍ଧକାର, ଗମନାଗମନ, ଶିଳ୍ପ, କୃଷିର ଅବ୍ୟବସ୍ଥା କ'ଣ ଏହାଦ୍ୱାରା ଦୂର ହୋଇପାରିବ ?"

"ମହାଦେବଙ୍କ ଉପରେ ମୋର ବିଶ୍ୱାସ ଅଛି, ଏଥରକ ମହାଶିବରାତ୍ରିରେ ଏ ଉପଲବ୍ଧି ମୁଁ ପାଇସାରିଛି, ଦେଖିବେ ଆଉ କିଛି ବର୍ଷ ପରେ....ମୋ ଇଲାକା.......।"

ସେ ଭାବବିହ୍ୱଳ ହୋଇ କାନ୍ଦିବାକୁ ଲାଗିଲେ..... । ମୁଁ ତାଙ୍କୁ କି ସାନ୍ତ୍ୱନା ଦେବି କିଛି ଜାଣିପାରିଲି ନାହିଁ । ଧୀର ସ୍ୱରରେ କହିଲି "ଭଗବାନ ଆପଣଙ୍କ ଇଚ୍ଛା ପୂରଣ କରନ୍ତୁ ।"

କିଛି କ୍ଷଣ ପରେ ସେ ନିକଟସ୍ଥ ଶାଳଗଛ ମୂଳ ପାଖକୁ ଯାଇ ଏକ ପୁଟୁଳି ଆଣି ମୋ ହାତରେ ଦେଇ କହିଲେ – "ଜୀବନକାଳ ଭିତରେ କିଛି ଅର୍ଥ ସଂଚୟ କରିଛି, ଭାବିଛି ତାହାର ସଠିକ ଉ ି ÿ୍ରାଧିକାରୀ ହେଉଛନ୍ତି ଆପଣ, ଯେଉଁଜାଗାକୁ ଯିବେ ସେଠାରେ ଏହାର ସଦୁପଯୋଗ କରିବେ ବୋଲି ମୋର ଦୃଢ଼ ଆଶା ଅଛି ।"

"ମୋର ଅର୍ଥ କ'ଣ ହେବ, ମୁଁ ତ ଉଚିତ ଦରମା ପାଉଛି..... ତା ଛଡ଼ା.....ଏ ଅର୍ଥ...... ?"

"ମୋର ବୃଦ୍ଧାବସ୍ଥା ହେଲାଣି, ଆଉ କେତେଦିନ ବା ବଂଚିବି, ଦେହସାରା ରୋଗ ଭ ି ÿ୍, ଏଇ ଅର୍ଥ ପାଇଁ ମୁଁ ହିମାଳୟ ଯାଇପାରୁନାହିଁ । ତେଣୁ ଅନେକ ଭାବିଚିନ୍ତି ଶେଷ ନିଷ୍ପତି ନେଇଥିଲି !"

"ଠିକ୍ ଅଛି, ଏ ଅର୍ଥ ଯଦିଓ ମୁଁ ନେଉ ନାହିଁ, ତଥାପି ମୋ ମତରେ ଆପଣ ଏଅର୍ଥକୁ କନ୍ଧମାଳର ଶ୍ରେଷ୍ଠ ଅନୁଷ୍ଠାନ, ସତ୍ୟ, ଦୟା, ପ୍ରେମ, ବିଶ୍ୱାସ ସେବାର ମୂଳକେନ୍ଦ୍ର "ଆଜ୍ଞା ।"(କୋରାପୁଟିଆ ଗାନ୍ଧୀ ବିଶ୍ୱନାଥ ପଟ୍ଟନାୟକ)ଙ୍କ ହାତଗଢା ବାଲିଗୁଡାରେ ଥିବା ଅନୁଷ୍ଠାନ **'ବନବାସୀ ସେବା କେନ୍ଦ୍ର'ଙ୍କୁ** ଦାନ କରନ୍ତୁ, ଏହାର ସଠିକ ବିନିଯୋଗ ହେବ ।"

ଡ୍ରାକୁଲାଙ୍କ ମୁହଁରେ ସ୍ମିତହାସ୍ୟ ଦେଖାଗଲା । ଦୁଇବନ୍ଧୁଙ୍କ ପରି ଦୁଇଜଣ ପରସ୍ପରଙ୍କ ଠାରୁ ବିଦାୟ ନେଲୁ ।

*ଶିଶୁ ଶଲ୍ୟ ବିଶେଷଜ୍ଞ, ଶିଶୁଭବନ, କଟକ*

# ହଁ, ଆମ ଭିତରେ କିଛି ଥିଲା

ପ୍ରତିମା ଦାସ

ଲତିକା ଖୁବ୍ ବିବ୍ରତ ହୋଇପଡ଼ିଥିଲା ଦୁଃସମ୍ବାଦଟି ପାଇ । ଗାଡ଼ି ପାର୍କିଂରେ ରଖିଦେଇ ଲିଫ୍ଟକୁ ଅପେକ୍ଷା ନକରି ଟକଟାକ ପାହାଚ ଚଢ଼ୁଥିଲା ଦ୍ୱିତୀୟ ମହଲାର ପୁରୁଷ ବିଭାଗ କ୍ୟାବିନ୍ ନମ୍ବର-୮କୁ । ସ୍ୱାମୀଙ୍କ ପହଞ୍ଚିବା ଡେରି ହେଉଛି, କାରଣ ଟ୍ରାଫିକ୍ ଭିଡ଼ ପୁଣି ଅଫିସ୍ ଦୂର । ତେଣୁ ନିଜେ ଆଗ ଚାଲିଆସିଲା, ଦିଅରଙ୍କ ଆଶୁ ଚିକିତ୍ସାରେ ଯେପରି ବିଳମ୍ବ ନଘଟେ ।

"ଆରେ ଅତୁଲ୍ୟ ! କେମିତି ଏସବୁ ହେଲା ? ଆଉ ଠିକ୍ ନା ନାହିଁ ? କୁହ ସବୁ କ'ଣ ହେଲା ?"

"ଆରେ ଭାବି, ଏକାଥରେ ଏତେ ପ୍ରଶ୍ନ ! ହଁ ଭାବି, ମୁଁ ଠିକ୍ ଅଛି । ମୋର ବିଶେଷ କିଛି ହୋଇନି । କାଲି ବୋଧେ ଛାଡ଼ିଦେବେ । ବରଂ ଭାଇଙ୍କୁ ଫୋନ୍ କରି ମନା କରିଦିଅ ନ ଆସନ୍ତୁ । ତୁମେ ପାଖ ରୁମ୍‌ରେ ବସ, ବ୍ୟସ୍ତ ନହୋଇ । ଧନ୍ୟବାଦ ଈଶ୍ୱର, ଏଡ଼େବଡ଼ ଆକ୍ସିଡେଣ୍ଟରୁ ଅତୁଲ୍ୟଙ୍କୁ ରକ୍ଷା କରିଦେଇଛ । ଅଗତ୍ୟା ବାଧହୋଇ ଲତିକା ପାଖ ଭିଜିଟର୍ ରୁମ୍‌କୁ ଆସିଲା । ପଛରୁ କିଏ ତାକୁ ଧରିନେଲା ।

"କିଏ ଯେ ? ଏତେ ସ୍ପର୍ଶକାତର ଛୁଆଁ କାହାର ?"

ସେହି ଦୂରେଇ ଯାଇଥିବା ନିର୍ବୋଧ, ଅବୋଧ ପ୍ରଥମ କାମନାର ପରଶ କି ? ଶରୀର, ମନରେ ନେସିହୋଇ ଲିଭି ଯାଇଥିବା ଅଦେଖା ଚିହ୍ନ । ମଝିରେ ମଝିରେ ତଳିପେଟ, ଛାତିକୁ ଦଳାଚକଟା କରିଥିବା ଉଚ୍ଚାଟ, ଆହୁରି ଅନେକ କିଛି ପରି ଲାଗିଲା ।

ଅର୍ଣ୍ଣବଙ୍କ ଭଲପାଇବାର ନିବିଡ଼ତା, ଆଲିଙ୍ଗନ, ଯୌଥ ସମ୍ପର୍କ ଭିତରୁ ଏ ନିର୍ବୋଧ କାମନା ଯେ ମଝିରେ ମଝିରେ ଉଙ୍କି ମାରେନି ବୋଲି କହିବା ପ୍ରତାରଣା ହୋଇପାରେ । ନିଜ ସହ ଅର୍ଣ୍ଣବଙ୍କ ସହ ବି । ତେଣୁ ଏପରି ଏକ ଦୁର୍ବଳତା ତା' ଜୀବନରେ ଆସିଥିଲା । ଏହା ଅର୍ଣ୍ଣବଙ୍କ ସହ ସମୟ ସୁବିଧା ଦେଖି ଆଲୋଚନା କରିଥିଲା । ଡରଥିଲା ଏମିତି ଅଡୁଆ କଥାଟିକୁ ଅର୍ଣ୍ଣବ କେଉଁ ଆଖିରେ ଦେଖିବେ । ଯଦିଓ ଅର୍ଣ୍ଣବକୁ ଖୁବ୍ ଉନ୍ମୁକ୍ତ ଚିନ୍ତାଧାରାର ବ୍ୟକ୍ତି ।

ଏସବୁ ଶୁଣି ଅର୍ଣ୍ଣବ କହିଥିଲେ, "It's a silly matter dear, it's happened with so many people. ଆରେ ଲତିକା ! ତୁମେ ଝିଅଗୁଡ଼ା ଭାରି ଡରକୁଳି । କ'ଣ ଟିକେ ଭୁଲ୍ ପାଇଁ ପ୍ରାୟଶ୍ଚିତ କରିବାକୁ, ପାପ-ପୂଣ୍ୟର ନିକିତି ଧରି ବସିପଡ଼ । ଆମ ପୁଅମାନେ ବହୁତ କିଛି କରୁ । ଆଉ ହୁସ୍ କରିଦେଉ । ଅବଶ୍ୟ ମୁଁ ଏତେ ଦୁଷ୍ଟ ନୁହେଁ । ବିଶ୍ୱାସ କର" କହି ହସିଦେଇ ଲତିକାକୁ ହାଲ୍‌କା କରିଥିଲେ ।

କହିଥିଲେ ମାଇଁ My sweet darling, you are a honest wife, ଆଉ ତୁମ ସଫା ମନଟି ମୋର ପ୍ରିୟ, ଆଉ କିଛି ଚାହଁନା ତୁମଠାରୁ । ପୁଣି ମଝିରେ ମଝିରେ ଲତିକାର ଉଦାସଭାବ ଅର୍ଣ୍ଣବଙ୍କ ପ୍ରତି ଦେଖି ଏହାକୁ ମଜାକରି କହିବାକୁ ବି ପଛାନ୍ତିନି । କ'ଣ ତୁମ ଅପା ମନେ ପଡୁଛନ୍ତି କି ? So broad minded Arnav is ! ଲତିକା ପ୍ରୀତ ହୋଇଉଠେ । ତେଣୁ ହଁ, ଆମ ଭିତରେ କିଛି ଥିଲା । ସେ ପ୍ରଥମ ଛୁଆଁ ମନେପଡ଼େ । ସେ ଇପ୍ସିତ କାମନା, ବେବିନା ଅପାଙ୍କର ସ୍ପର୍ଶ କିଛିବର୍ଷ ଯାଏଁ ହଲଚଲ କରିଛି ଲତିକାର କୋମଳ ମନକୁ । ମନେ ପକାଇ କେଉଁଠି କିଛି ତରଳାଇ ଦିଏ । ବେବିନା ଅପାଙ୍କର ସେହି ମଧୁର ଆସକ୍ତିପୂର୍ଣ୍ଣ ସ୍ମୃତି, ପ୍ରଥମ ସ୍ପର୍ଶ ଭୁଲିବାକୁ, ନିଜକୁ କାବୁରେ ରଖିବାକୁ ସମୟ ଲାଗିଥିଲା ଲତିକାକୁ । ଅବଶ୍ୟ ବେବିନା ଅପା ବିଗିଡ଼ାଇଥିଲେ ଯେପରି ସଜାଡ଼ିଦେଲେ ମଧ୍ୟ ସେହିପରି ।

ଉଭୟଚର ପ୍ରାଣୀ କୂଅ, ଗାଡ଼ିଆର ବେଙ୍ଗ ଆଉ କାଠ କଇଁଛ । ଏମାନେ ଜଳଭିତରେ ରହି ଜଳରୁ ଅମ୍ଳଜାନ ଆହରଣ କ୍ଷମତା ରଖି ମଧ୍ୟ ଯେପରି ନାସାନ୍ଧ୍ର ଟେକି ପାଣି ଉପର ବାୟୁମଣ୍ଡଳରୁ ଅମ୍ଳଜାନ ମଝିରେ ମଝିରେ ଗ୍ରହଣ କରନ୍ତି, ଠିକ୍ ସେହିପରି ସେ କାମନା ଲତିକା ମନର ହୃଦକନ୍ଦରରୁ ଉଙ୍କିମାରେ ମଝିରେ ମଝିରେ ଅର୍ଣ୍ଣବଙ୍କ ଭଲପାଇବା ସତ୍ତ୍ୱେ । ଏବେ ଅବଶ୍ୟ ନାହିଁ ଆଉ ସେ ତୀବ୍ର ଇଚ୍ଛା । ଜମାରୁ ନାହିଁ କହିଲେ ଚଳେ । ନିଜ ଜଞ୍ଜାଳ, ପିଲାଛୁଆ, ସ୍ୱାମୀ, ଅଫିସ୍, ପ୍ରମୋଶନକୁ ନେଇ ଲତିକା ଖୁବ୍ ବ୍ୟସ୍ତ ।

ତାହାହେଲେ ଏ ଛୁଆଁ ବେବିନା ଅପାଙ୍କର କି ! ହଁ... ତା ଅପା ।

ଆହୁରି ଅଧିକ ଜୋର୍‌ରେ ଅପାକୁ ଜାବୁଡ଼ି ଧରିଲା । କିଛି ସମୟ ଏମିତି ଚାଲିଗଲା । ଅପା କାନ୍ଧରୁ ଉଠାଇ କହିଲେ, "ତୋତେ ଏହିଠାରେ ଦେଖିବି ବୋଲି ଆଶା କରି ନଥିଲି । ଖୁବ୍ ଖୁସି ଲାଗୁଛି । ଶୁଣ ଲତିକା ! ତୋ ଦିଅର ଠିକ୍ ଅଛନ୍ତି । ମୁଁ ପାଖ କେବିନ୍‌ରୁ ଏକ ହେଡ଼ହାମରେଜ୍ ସିରିୟସ୍ ପେସେଣ୍ଟ୍‌କୁ ଦେଖିଆସୁଛି । ଆସିଲେ ମନଭରି ଦୁହେଁ କଥାହେବା । ମୁଁ ଜାଣିଛି ତୁ ଏପାଖ ଇରିଗେସନ୍ ଅଫିସ୍‌ରେ ଜୁନିୟର୍ ଇଞ୍ଜିନିୟର୍, ହେଲେ ଯାଇପାରିନି ତୋ ପାଖକୁ । ସରି ! ଏମିତିରେ ଫୋନ୍ ନମ୍ବର ବି ମେସେଞ୍ଜର୍‌କୁ ଯାଇ ତୋଠୁ ଆଣିବି ଭାବିଛି, ସମୟ ପାଇନି । ଏହି କର୍ପୋରେଟ୍ ହସ୍ପିଟାଲ୍‌କୁ ଆସିବା ଜଷ୍ଟ୍ ମାସେ ହେବ । ସମୟ ଅଭାବ ପଡ଼ିଛି ମୋତେ । ଆସୁଛି । ଅପେକ୍ଷା କରିବୁ ।

ଲତିକା ବେବିନା ଅପାକୁ ଦେଖୁଥିଲା । ଅପା ଡାକ୍ତର ବୋଲି ଜାଣିଥିଲା । ହେଲେ ପୋଷ୍ଟିଂ ଏହି ହସ୍ପିଟାଲ୍‌ରେ ଜାଣି ନଥିଲା । ସେ ଗୋରୀ, ଡେଙ୍ଗୀ, ନହନହକୀ ଅପା ଏକ ଗ୍ରୀକ୍ ରମଣୀ ପରି ସୁନ୍ଦର ଲାଗୁଥିଲେ ଆଜି । ଆହୁରି ଆକର୍ଷଣୀୟ । ଆଉକିଛି ନକହି କହିଲା – "ଓ କେ ଅପା । ତୁମେ ଯାଇ ଆସ । ମୁଁ ତୁମ ଅପେକ୍ଷାରେ ।"

ଲତିକା କଲେଜ ଦିନକୁ ଫେରୁଥିଲା । ରାଞ୍ଚିର ରାଜକୁମାର କଲେଜ । ଲତିକା ଏକମାତ୍ର ସନ୍ତାନ ଭାବେ ଏକ ଭଲ କଲେଜ୍‌ରେ ଶିକ୍ଷା ପାଉ ବୋଲି ଏହି କଲେଜ୍‌ରେ ବାପା ଦାଖଲ କରିଥିଲେ । ହଷ୍ଟେଲ୍‌ରେ ରଖାଇଥିଲେ । ପିଲା ବିଶୃଙ୍ଖଳିତ ନହୋଇ ଅନୁଶାସନ ଭିତରେ ରହିବାକୁ ଏକ ଉପର ଶ୍ରେଣୀର ସିନିୟର୍ ଅପାଟିଏ ମୁରବୀପରି ପ୍ରତି ଫ୍ରେଶର୍ ପିଲା ସହ ଏକ ରୁମ୍‌ରେ ରଖାଯାଏ । ସେହି ସୂତ୍ରରେ ରୁମ୍‌ମେଟ୍ ହିସାବରେ ବେବିନାଅପା ଲତିକାକୁ ମିଳିଥିଲେ । ଦୁହେଁ ରୁମ୍‌ମେଟ୍ ହୋଇଥିଲେ । ଲତିକାର ବିଜ୍ଞାନ ପ୍ରଥମ ବର୍ଷ ଆଉ ବେବିନାଅପାଙ୍କ ବି.ଏସ୍.ସି. ଦ୍ୱିତୀୟ ବର୍ଷ । ଘରଠାରୁ. ମା'ଙ୍କଠୁ ଏତେ ଦୂରକୁ ଚାଲିଆସି ଲତିକା ବିଷାଦଗ୍ରସ୍ତ ଥାଏ । ଦୂରରେ, ଇଚ୍ଛା ବିରୁଦ୍ଧରେ ତାଡ଼ି ପଢ଼ାଇ ଥିବାରୁ ଲତିକାର ରାଗତକ ତାଡ଼ିଙ୍କ ଉପରେ । ଆଉ କାହା ଉପରେ ରାଗିବ ! ପିଲାମାନେ ରାଗି ରାଗି ବାପା, ମା', ନହେଲେ ଭାଇ ଭଉଣୀ ଉପରେ ରାଗନ୍ତିତ ।

ଲତିକାକୁ ଖାଇବାକୁ, ପିଇବାକୁ ମନ ହୁଏନି । ପାଠ ପଢ଼ିବାର ପ୍ରବଳ ଇଚ୍ଛାଟି ପାଠ ପଢ଼ିବାକୁ, ପ୍ରତି କ୍ଲାସ୍ କରିବାକୁ ସିନା ରୋକି ପାରେନି; କିନ୍ତୁ ସେ କ୍ରୋଧ ଖାଇବାକୁ, ପିଇବାକୁ ଅଣଦେଖା କରେ । ବେବିନାଅପା ମଧ୍ୟ ନିଜ ପାଠ ପ୍ରାକ୍ଟିକାଲ୍‌କୁ ନେଇ ବ୍ୟସ୍ତ । ଅପା କେତେଦିନ ଧରି ଦେଖିଲେ ଲତିକାର ଖାଇବା ସେମିତି ଘୋଡ଼ାହୋଇ ରହୁଛି । ସକାଳୁ ଫୋପଡ଼ା ହେଉଛି । ଲହୁଣି ପିତୁଳା ପରି ଚେହେରାଟି ଶୁଖିଗଲାଣି ଲତିକା ।

"ଆରେ ଗେହ୍ଲୁ ! ତୁ ଖାଉନୁ କାହିଁକି ?" ବେବିନାଅପା ପଚାରିଲେ ।

କିଛି ଉତ୍ତର ନପାଇ ବେବିନାଅପା ଝୁଙ୍କିପଡ଼ିଲେ ଲତିକାର ମୁହଁ ପାଖକୁ, ତୁମର ସିନିୟର୍ ହିସାବରେ ମଧ୍ୟ ଦାୟିତ୍ୱର ସହ । ଲତିକା ମୁହଁରୁ କୋହ୍ଲାପୁରୀ ଚଦରଟି ହଟାଇଦେଲେ । ବର୍ଷାର ଆଗମନ, ଆମ୍ବୁଆ ଶୀତ । "ଆରେ, ତୁ କାନ୍ଦୁଛୁ ଲତିକା ! କାହିଁକି ? Why you are crying ?" ଏତିକି କହି ଲତିକାକୁ ଜାବୁଡ଼ିଧରି ଉଠାଇଲେ । ଲତିକା ମାମା କହି ଆହୁରି ଜୋର୍‌ରେ କାନ୍ଦି ଉଠିଲା ।

"Silly girl. ଏତେ ଭଲ ପଢୁଛୁ, ସ୍କୁଲ୍‌ର ଟପ୍ପର୍ ହୋଇ ଏଭଳି କଲେଜ୍‌ରେ ସିଟ୍ ଗୋଟିଏ ପାଇଛୁ, ପୁଣି କାନ୍ଦୁଛୁ ମା'ଙ୍କୁ ମନେପକାଇ । ଦେଖ, ମୁଁ ରୋଲ୍ ମଗାଇଛି । ଚାଲ୍ ଖାଇବା । ସେ ଖାନା ଥାଉ ।" ଲତିକାକୁ ସତରେ ଖୁବ୍ ଭଲ ଲାଗିଲା । ଏକ କାଉଁରୀ ପରଶରେ ଯେପରି ମନଟା ହାଲ୍‌କା ହୋଇଗଲା । ବେବିନାଅପା ସଙ୍ଗେ ମିଶି ରୋଲ୍ ଖାଇଲା । ଖାଇବା ପରେ ଅପା ଶୋଇଗଲେ । ଟେବୁଲ୍‌ଲ୍ୟାମ୍ପ୍ ଲଗାଇ ପାଠପଢ଼ାରେ ମନଦେଲା ଲତିକା । ଟିକେ ଅଧିକ ପାଠ ବାକି ରହିଯାଇଛି ।

ବିଜ୍ଞାନ ପାଠ କଠିନ । କିନ୍ତୁ ପ୍ରତିଦିନର ପାଠକୁ ପ୍ରତିଦିନ ବୁଝି ସାରିଦେଉଥିବା ପିଲାଙ୍କ ପାଇଁ କଠିନ ନୁହେଁ ବିଲ୍‌କୁଲ । ସେହି ପ୍ରିନ୍ସିପୁଲ୍‌ଟି ଆପଣାଇ ଲତିକା ଡେରି ରାତିଯାଏଁ ପାଠପଢ଼ା ଟେବୁଲ୍ ପାଖରେ ପଢୁଛି । ହଠାତ୍ ଏକ ବିକଟାଳିଆ ଶବ୍ଦ ସହ ଏକ ପ୍ରଚଣ୍ଡ ଘଡ଼ଘଡ଼ି ମାରିଲା । ମେଘ ବୋଧେ ଏବେ ଗାଳିପକାଇବ । ମା'କୁ ଘରକୁ ଛାଡ଼ି କେବେ ରହି ନଥିବା ଲତିକା ମାମା କହି ବେବିନାଅପା ବେଡ୍‌ରେ ସିଧା ଡେଇଁ ଶୋଇପଡ଼ିଲା । ବେବିନାଅପାଙ୍କ ଆଜି ସ୍ନେହବୋଳା କଥା, ବଡ଼ସାନଙ୍କ ସଙ୍କୋଚ ଭାବକୁ ଆଉ ଡରକୁ ମନରୁ କମାଇ ଦେଇଛି । ତଥାପି ମନରେ ସଙ୍କୋଚ ବଡ଼ କ୍ଲାସ୍‌ର ଅପା, ରାଗି କିଛି କହିଦେବେ ଯଦି । ହେଲେ ଅପା କିଛି କହିଲେନି । ବରଂ କହିଲେ "ଡରିଲୁ କି ? ଗଡ଼ିପଡ଼ିବୁ । ତୋ ଖଟ ଟାଣିଆଣ ମୋ ବେଡ୍ ପାଖକୁ । ମୋ ପାଖେ ଶୋ ।"

ନିଦ ଲତିକାକୁ ଆସିନି । ଅପା ଗୋଡ଼ଟି ରଖିଲେ ଲତିକାର ଜଂଘ ଉପରେ । ଲତିକାକୁ କେମିତି କେମିତି ଲାଗିଲା । ମାମା ଉପରେ ଏମିତି ଗୋଡ଼ ଲଦେ ଲତିକା, ହେଲେ କିଛି ଲାଗେନି । ଆଜି ଏମିତି କ'ଣ ଲାଗୁଛି, ଭଲ ବି ଲାଗୁଛି । ଅପା ପୁଣି ଲତିକା ଛାତିରେ ତାଙ୍କ ହାତଟିକୁ ରଖି ଲତିକାକୁ ଟାଣିନେଲେ । ଲତିକାକୁ ତା' ବି ଭଲ ଲାଗିଲା । ଉଷୁମ ମନେହେଲା । ଅପା ଶୋଇଛନ୍ତି କି ଚେଇଁଛନ୍ତି; କିନ୍ତୁ ଜାଣି ପାରିଲାନି । ସେ ଛୁଆଁ, ସେ ପରଶ ଖୁବ୍ ନିଆରା ଆଉ ଉଚ୍ଛାଟିଆ । ଏତିକି ଜାଣିପାରିଲା ।

ସକାଳ ହେଲା । ନିଜ ନିଜ ପାଠରେ ବ୍ୟସ୍ତ ଦୁହେଁ । ଅପା ଏଥର ସବୁଦିନ ଏକାଠି ଖାଇବା ପାଇଁ ଡାକନ୍ତି । ଅପା ଜଲ୍‌ଦି ଶୋଇ ଜଲ୍‌ଦି ଉଠନ୍ତି । ଅପା ଶୋଇବାକୁ ଯିବା ପରେ ପରେ ଲତିକା ବି ହାଇ ମାରି ମାରି ଜାଣିବା ପରି ବେଡ୍‌କୁ ଗଲା, ଖେଳକୁ ଅପେକ୍ଷା କଲା । ଲତିକାକୁ ଏହା ଏକ ରୋମାଞ୍ଚକର ଖେଳ ପରି ମନେହେଉଥିଲା । ସେ ଖେଳ ଆଗକୁ ବଢୁ ଲତିକା ଭିତରେ ଭିତରେ ଚାହୁଁଥିଲା । ଜୀବଜନ୍ତୁଙ୍କ ଶରୀର, ମନ ଆଉ ବୟସ ଅନୁସାରେ ବହୁତ କିଛି ମାଗେ । ତା' ଭିତରୁ ପେଟର କ୍ଷୁଧା, ମନର ସ୍ୱାଧୀନତା, ଶରୀରର ଜାୟଜ, ନାଜାୟଜ ଅଳି । ଚିହ୍ନିପାରିଲେ ରକ୍ଷା । ନହେଲେତ ଭାସିଯିବ । ଭାଗ୍ୟବାନମାନଙ୍କୁ ବାପା, ମା', ଭାଇ ଭଉଣୀ ବହୁତ ବୁଝାଇ ସତର୍କ କରାଇ ଦେଇଥା'ନ୍ତି ।

ଅପା ଆଗପରି ଗୋଡ଼ ଲଦି ତାକୁ ଖୁବ୍ ନିକଟତର କଲେ । ଆଉ ଆଜି ଲତିକା ଜାଣିପାରିଲା ଅପା ଚେଇଁଛନ୍ତି । ଅପା ଚାହୁଁଛନ୍ତି ଲତିକା ଏକ ଦୃଢ଼ ଆଲିଙ୍ଗନ ଭିତରେ ରହୁ । ଅପା ଜାଣିଶୁଣି ତାକୁ କୋଳେଇ ନେଲେଣି । ବାହାରେ ବର୍ଷାର ଧାରା, ରୁମ୍‌ରେ ଶୀତ । ଲତିକା ଅପାସହ ମିଶିଗଲା, ଆଉ ଖୁସି ପାଇଲା । ଏ ସମ୍ପର୍କ ଏହି ଦୁନିଆଁ ବିଷୟରେ ବିଶେଷ ଜ୍ଞାନ ରଖି ନଥିବା ଲତିକାକୁ ଏ ଖେଳ ଖୁବ୍ ମଜା ଦେଉଥିଲା । ଲତିକାକୁ ମନେ ହେଉଥିଲା ଏହା ଏକ ନିଶା ହୋଇଗଲାଣି । ତାହାପାଇଁ ସେ ହୁଏତ ରହିପାରିବନି ବେବିନାଅପା ବିନା । କିନ୍ତୁ ମୁହଁଖୋଲି କିଛି କହିପାରୁନି ବେବିନାଅପାଙ୍କୁ । ବେବିନାଅପା ମଧ୍ୟ ବଡ଼ହୋଇ ଏହି ଖେଳର ପରିଣତି ଆଗକୁ କ'ଣ ହେବ କହୁନାହାନ୍ତି । ଏକ ନୀରବ ଖେଳାଳି ଖେଳୁଛି ତା' ଇଚ୍ଛା ଅନୁସାରେ । କିଛି କହୁନି ଦିନର ଆଲୋକରେ । ଭାବିଛି ପଚାରିବ । ହେଲେ ପଚାରିପାରେନା । ନିଜ ମା'ଙ୍କୁ କହିବ ଭାବିଛି; କିନ୍ତୁ ସଙ୍କୋଚରେ କହିପାରିନି । କିନ୍ତୁ ଉଭୟେ ମଜା ପାଉଛନ୍ତି ।

ଏମିତି ପାଞ୍ଚ/ଛ' ମାସ କଟିଗଲାଣି । ଅପା ବି.ଏସ୍.ସି. ଥାର୍ଡ୍ ଇୟର୍‌ରେ ମେଡ଼ିକାଲ୍ ପାଇଗଲେ । ବେବିନାଅପା ମେଡ଼ିକାଲ୍ ପଢ଼ିବା ପାଇଁ ହଷ୍ଟେଲ୍ ଛାଡ଼ିବେ । ଲତିକାକୁ ମଧ୍ୟ ଛାଡ଼ି ଚାଲିଯିବେ । କେତେ ଖୁସି ଅଛନ୍ତି । କେମିତିଆ ଅପା ! ମୋତେ ଛାଡ଼ି ଚାଲିଯିବେ । ହେଲେ ଦୁଃଖ ହେଉନାହାନ୍ତି । ଲତିକାର ସତେକି ଦୁନିଆଁ ଉଜୁଡ଼ିଯିବ । ବେଡ଼ିଂପତ୍ର ବନ୍ଧା ସରିଲାଣି ଅପାଙ୍କର । ଦୁହେଁ ଖାଇସାରିଛନ୍ତି ।

"ଅପା ଟିକେ ବସ । ମୋ କଥା ଶୁଣ । ମୁଁ ତୁମବିନା ବଞ୍ଚିପାରିବିନି । ଚାଲ ଆମେ ବାହା ହୋଇଯିବା ।"

"କ'ଣ କହିଲୁ ପାଗେଲୀ ? ବାହାହେବା କ'ଣ ପାଇଁ ?"

"ଅପା, ମୁଁ ତମବିନା ବଞ୍ଚି ପାରିବିନି । ଆସ, ବ...ସେ । ଦେଖ ଏ ବହି । ଏପରି ସମ୍ପର୍କରେ ବହୁ ଦେଶର ଝିଅ ରହୁଛନ୍ତି । ଆମ ଦେଶରେ ଏ ଗ୍ରହଣୀୟ ନୁହେଁ । ଆମ ସମ୍ପର୍କର କିଛି ଭବିଷ୍ୟତ ନାହିଁ । କିଛି ନାମ ମଧ୍ୟ ଦେଇ ହେବନି । ଆଉ ଯେଉଁ ଦୁର୍ବଳତା ତୋ ମନରେ ଜାଗିଛି ମୋ ପ୍ରତି, ତାହା କେବଳ ଏକ ଦୁର୍ବଳ ମାନସିକତା, ସାମାନ୍ୟ ଶାରୀରିକ ସୁଖ । ମୁଁ ସମ୍ପୂର୍ଣ୍ଣ ରୂପେ ଦାୟୀ ସେଥିପାଇଁ । ତୋ ପାଖେ କାନଧରି ଭୁଲ୍ ମାଗିନେଉଛି । ଏହା ଏକ ରୋଗ କହିଲେ ଭୁଲ୍ ହେବନି ଯାହା ମୁଁ ମେଡ଼ିକାଲ୍ ଏଣ୍ଟ୍ରାନ୍ସ ପ୍ରିପେୟାର୍ କଲାବେଳେ ପଢ଼ିଛି । ଆ...ସେ, ଶପଥ ନେବା ଏ ଭୁଲ୍‌କୁ ଭୁଲିଯିବା । ଏ ରୋଗକୁ ଶରୀର ମନରୁ ଉଠାଇଦେବା । ଏ ଦୁର୍ବଳତାକୁ ଖୁବ୍‌ଶୀଘ୍ର ତୁ ଜିତିଯିବୁ, ଆଉ ଏକ ସଫଳ ଇଞ୍ଜିନିୟର୍ ହେବୁ ।"

କେତେ ସହଜରେ ପାଠ, ଗପ ମାଧ୍ୟମରେ ବୁଝାଇ ଦେଇ ହଷ୍ଟେଲ୍ ଛାଡ଼ିଦେଲେ ଅପା ମୋ ପରି ଅନଭିଜ୍ଞର ହାତ ଛାଡ଼ିଦେଇ । ବହୁତ କାନ୍ଦିଥିଲା ଲତିକା । ପଥରରେ ଝୁଣ୍ଟିଲେ ମଣିଷ ଚାଲିବା ଶିଖିଯାଏ । ଲତିକା କାନମୋଡ଼ି ହୋଇ ହଷ୍ଟେଲ୍‌ରେ ରହି ପାଠ ପଢ଼ାରେ ମନ ଲଗାଇଲା । ଜୀବନରେ ଏପରି ନାମ ନଥିବା ସମ୍ପର୍କର ରାସ୍ତାରେ ଆଉ ପାଦ ଦେବନି ବୋଲି ଶପଥ ନେଇଥିଲା । ବେବିନାଅପା ପ୍ରତି ମନରେ ଆବିଳତା କିଛି ନଥିଲେ ବି ବେବିନାଅପାକୁ ଅପେକ୍ଷା ନକରି, କୌଣସି ମେସେଜ୍ ନଛାଡ଼ି ଘରକୁ ଫେରିଲା ।

**କଟକ**

# ହାସ୍ୟରସର ଯାଦୁକର - ଉତ୍କଟଘଟ କବି ଯଦୁମଣି : ଏକ ବିହଙ୍ଗାବଲୋକନ

ସୁଧିର କୁମାର ମହାପାତ୍ର

ଶ୍ରବ୍ୟ କାବ୍ୟ ପଠନ କିମ୍ବା ଶ୍ରବଣ ଓ ଦୃଶ୍ୟ କାବ୍ୟ ଦର୍ଶନ ଓ ଶ୍ରବଣଦ୍ୱାରା ଯେଉଁ ଆଲୌକିକ ଆନନ୍ଦ ପ୍ରାପ୍ତି ହୁଏ ତାହାକୁ ଶାସ୍ତ୍ରରେ "ରସ" ବୋଲି କୁହାଯାଏ । ରସ, ଛନ୍ଦ ଓ ଅଳଙ୍କାର କାବ୍ୟ ରଚନାର ମୁଖ୍ୟ ଉପାଦାନ ଅଟେ । ଅନ୍ୟପ୍ରକାରେ କହିବାକୁ ଗଲେ ରସ ହେଉଛି କାବ୍ୟର ଆତ୍ମା । ସଂସ୍କୃତିରେ କୁହାଯାଇଛି "ରସାତ୍ମକଂ ବାକ୍ୟଂ କାବ୍ୟଂ" ଅର୍ଥାତ୍ ରସାତ୍ମକ ବାକ୍ୟ ହିଁ କାବ୍ୟ ଅଟେ ।

ଶାସ୍ତ୍ରାନୁଯାୟୀ ମୁଖ୍ୟତଃ ରସ ୯ ପ୍ରକାର । ତେଣୁ ନବ 'ରସ ବୋଲି' କୁହାଯାଇଥାଏ । ବର୍ତ୍ତମାନ ନବ ରସ ବଦଳରେ ଅନ୍ୟ ଦୁଇଟି ରସକୁ ରସ"ର ଶ୍ରେଣୀଭୁକ୍ତ କରାଯାଇଛି । ସେଗୁଡ଼ିକ ହେଉଛି, ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବିଭତ୍ସ, ଅଦ୍ଭୁତ, ଶାନ୍ତ ଏହି ପରି ନଅ ପ୍ରକାର; ଏବଂ ବାତ୍ସଲ୍ୟ ଓ ଭକ୍ତି ରସ ଯଥାକ୍ରମେ ଦଶମ ଓ ଏକାଦଶ ରସ ରୂପେ ବିଦିତ ।

କୁହାଯାଇଛି "କାବ୍ୟଶାସ୍ତ୍ର ବିନୋଦେନ କାଳୋଗଚ୍ଛତି ଧୀମତାଂ" । ଅର୍ଥାତ୍ କାବ୍ୟଶାସ୍ତ୍ର ପଠନ ପୂର୍ବକ ଧୀସମ୍ପନ୍ନ ବ୍ୟକ୍ତିବିଶେଷ ନିଜର ସମୟ ଅତିବାହିତ କରିଥାନ୍ତି । ବର୍ତ୍ତମାନ ପରିସ୍ଥିତିରେ ଦୂରଦର୍ଶନ ସମେତ ମୋବାଇଲ୍ ଓ ଇଣ୍ଟରନେଟ୍ ପ୍ରାୟତଃ ପୁସ୍ତକ ପଠନ, ପାଠନଠାରୁ ଦୂରେଇ ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ଏହା ନିର୍ଭୁଲ ଭାବେ କୁହାଯାଇପାରେ ଯେ, ସମ୍ପୂର୍ଣ୍ଣ ଭାବରେ ଏହି ଉକ୍ତିଟି ଗ୍ରାହ୍ୟ ନୁହେଁ । ନଚେତ୍ ଆଜି ପୁସ୍ତକ ପ୍ରକାଶ ଓ ବିଭିନ୍ନ ପତ୍ରିକା ପ୍ରକାଶିତ ହେଉ ନ ଥାନ୍ତା । ତଥାପି ପାଠକଙ୍କ ସଂଖ୍ୟା ବଢ଼ାଇବା ହେଉଛି ବର୍ତ୍ତମାନ ପରିସ୍ଥିତିରେ ଏକ ଦୁରୁହ ବ୍ୟାପାର । ସେ ଯାହା ହେଉ ଆମ ମାତୃଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରଠାରୁ ଆମେ ନିଶ୍ଚିତ ରୂପେ ଆଗକୁ ପାଦେ ଆଗେଇଚେ, ଏହା ନିଃସନ୍ଦେହରେ କୁହାଯାଇପାରେ ।

କାବ୍ୟଶାସ୍ତ୍ର ହିଁ ଯୁଗେଯୁଗେ ପାଠକଙ୍କୁ ଆମୋଦିତ କରେ । ସଂସ୍କୃତ ସାହିତ୍ୟରେ ଯଥାର୍ଥରେ କୁହାଯାଇଛି ''ଉପମା କାଳିଦାସସ୍ୟ ଭାରବେରର୍ଥଗୌରବଂ, ନୈଷଧେ ପଦଲାଳିତ୍ୟଂ ମାଘେସନ୍ତି ତ୍ରୟୋଗୁଣାଃ" । ସଂସ୍କୃତ ମହାକବି କାଳିଦାସ ହୁଅନ୍ତୁ କି ଭାରବି ଅବା ମାଝି ହୁଅନ୍ତୁ । ପ୍ରତ୍ୟେକେ ନିଜନିଜର ରଚନାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିଲେ । କେବଳ ସଂସ୍କୃତ ସାହିତ୍ୟ କାହିଁକି ଆମ ଓଡ଼ିଆ ସାହିତ୍ୟର ବରେଣ୍ୟ କାବ୍ୟସ୍ରଷ୍ଟାମାନେ ବି ଏ ଦିଗରେ କିଛି କମ୍ ନୁହନ୍ତି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରଚନା ଭଞ୍ଜଶୈଳୀରେ ବଳିଷ୍ଠ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଲିଖନୀରେ ଫୁଟି ଉଠିଥିବା ରଚନା ସ୍ୱଭାବିକ ଶୈଳୀର ବୋଲି ସେ "ସ୍ୱଭାବକବି" ଅଟନ୍ତି । କୁହାଯାଏ ରାଧାନାଥ ରାୟଙ୍କ ରଚନା ପାଶ୍ଚାତ୍ୟ ମହାକାବ୍ୟାଦିର ଛାୟାରେ ରଚିତ । ତଥାପି ଓଡ଼ିଆ ସାହିତ୍ୟ ଜଗତରେ ଖୁବ୍ ଆଦୃତ ରାଧାନାଥ ରଚନାବଳୀ । ରୋମାଂଟିକ୍ କବି ମାୟାଧର ମାନସିଂ, କବି ବ୍ରଜନାଥ ବଡ଼ଜେନା, ଆଦିକବି ସାରଳା ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଗୀତଗୋବିନ୍ଦର ରଚୟିତା ଜୟଦେବ, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ଏବଂ ପଞ୍ଚସଂଖାଙ୍କ ରଚନା ଧାରା ସ୍ୱତନ୍ତ୍ର । ଏମିତି ଜଣ ଜଣ କରି ପୁରାତନ କବି ପ୍ରତିଭାଙ୍କୁ ସ୍ମରଣ କଲେ କେହି ବି କାହାଠାରୁ କୌଣସି ଗୁଣରେ କମ୍ ନୁହନ୍ତି ଏହା ସହଜରେ ଜାଣିହେବ । ଅତଏବ ରଚନାଶୈଳ୍ୟାନୁଯାୟୀ ପ୍ରତ୍ୟେକ ନିଜସ୍ଥାନରେ ସ୍ୱତନ୍ତ୍ର ଓ ସ୍ୱନାମଧନ୍ୟ ।

ଦୃଶ୍ୟକାବ୍ୟ ହେଉ କି ଶ୍ରବ୍ୟକାବ୍ୟ "ରସ" ବିନା ସୁଖଦାୟୀ ହୋଇ ନଥାଏ । ତେଣୁ ରସାନୁଯାୟୀ ଶାସ୍ତ୍ରାଦି ପାଠକୀୟ ସୁଖ ପ୍ରଦାନ କରିଥାନ୍ତି । ଗ୍ରହଣ କରିବା କେବଳ ପାଠକ ଏବଂ ଶ୍ରୋତାଙ୍କ ଉପରେ ନିର୍ଭର କରିଥାଏ । ଯଥାର୍ଥରେ କୁହାଯାଇପାରେ ଯେ, କାବ୍ୟ ଗୁଡ଼ିକ ବିଭିନ୍ନ ରସକୁ ଧାରଣ କରିଥାନ୍ତି । ପ୍ରେମ-ପ୍ରଣୟ, ହସ, କାନ୍ଦ, ଭୟ, ଭକ୍ତି, ଘୃଣା, ହାସ୍ୟ ଆଦି ରସଗୁଡ଼ିକର ପ୍ରୟୋଗଦ୍ୱାରା କାବ୍ୟ ପାଠକ/ଶ୍ରୋତାଙ୍କୁ ସୁଖ, ଦୁଃଖ, ଭୟ, ଭକ୍ତିର ଭାବ ପ୍ରଦାନ କରିଥାଏ । ବିଶେଷ କରି ହାସ୍ୟରସ ଆବାଳବୃଦ୍ଧବନୀତା ସମସ୍ତଙ୍କୁ ଆମୋଦ ଦେଇଥାଏ । ତେଣୁ ହାସ୍ୟରସକୁ ବହୁଜନସୁଖାୟ ନିମନ୍ତେ ରସଶ୍ରେଷ୍ଠ କୁହାଯାଇପାରେ; ଯଦିଚ ରସ ମଧ୍ୟରେ ଶୃଙ୍ଗାର ରସକୁ 'ରସରାଜ' କୁହାଯାଇଥାଏ ।

କାହିଁ କେଉଁ ଆବାହମାନ କାଳରୁ ହାସ୍ୟରସିକଙ୍କ ଭୂମିକା ଖୁବ୍‌ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ମୋଗଲସମ୍ରାଟ୍

ଆକବରଙ୍କ ରାଜସଭାରେ ଥିବା "ବୀର୍‌ବଲ୍" ହାସ୍ୟରସର ଆତ୍ମବିଭୋର୍ ପାଠକ, ଶ୍ରୋତା ଓ ଦର୍ଶକଙ୍କ ନିକଟରେ ଚିର ପରିଚିତ । ଏପରିକି ସର୍କସ୍ ପାର୍ଟିମାନଙ୍କରେ ହାସ୍ୟରସିକ "ଜୋକର୍" ରୂପେ ବିଦିତ ହୋଇ ଉପସ୍ଥିତ ଦର୍ଶକମାନଙ୍କୁ ହସାଇଥାଆନ୍ତି । ନାଟକ ଓ ସିନେମା ଜଗତରେ ମଧ୍ୟ ହାସ୍ୟଦୃଶ୍ୟ ବା "କମେଡ଼ି ସିନ୍" ଖୁବ୍ ଲୋକପ୍ରିୟ ହୋଇଥାଏ । କେବଳ ସେତିକି ନୁହେଁ, ଆଜିକାଲି ଦୂରଦର୍ଶନରେ ସ୍ୱତନ୍ତ୍ର ଭାବରେ "କମେଡ଼ି ଶୋ" ମାନ ପ୍ରସାରିତ ହୋଇ ଖୁବ୍ ଲୋକପ୍ରିୟତା ହାସଲ କରିଛି । ଇଂରାଜୀ ଚଳଚ୍ଚିତ୍ର ଜଗତର ବିଶ୍ୱପ୍ରସିଦ୍ଧ ଲୋକପ୍ରିୟ ହାସ୍ୟ ଅଭିନେତା ସ୍ୱର୍ଗତ ଚାର୍ଲି ଚାପ୍‌ଲିନ୍‌ଙ୍କୁ କିଏ ବା ନ ଜାଣେ ? ଓଡ଼ିଆ ସିନେମା ଜଗତର ହାସ୍ୟ ଅଭିନେତା ଜୟୀରାମ ଶାମଲ୍, ଶ୍ୟାମଳେନ୍ଦୁ, ନରି, ଗଡ଼ି, ଅରବିନ୍ଦ, ମାମିନା, ଦେବୁ ବ୍ରହ୍ମା ଓ ସମ୍ପ୍ରତି ପପୁ ପମ୍‌ପମ୍ ଆଦି ନିଜନିଜର ସ୍ଥାନ ସୁଦୃଢ଼ କରିପାରିଛନ୍ତି । ସେହିପରି ଓଡ଼ିଆ ଅପେରା ଜଗତରେ ମଣିଭଦ୍ର ବିଶ୍ୱାଳଙ୍କ ପରି ପୁରୁଖା ଓ ପୋଖତ ହାସ୍ୟ ଅଭିନେତାଙ୍କ ନାମ ଅପେରାପ୍ରେମୀଙ୍କ ମାନସପଟ୍ଟରେ ସଦାସର୍ବଦା ଦେଖିବାକୁ ମିଳେ ।

ବିଶେଷ କରି ଓଡ଼ିଆ ସାହିତ୍ୟ ଜଗତର ଜଣେ ଆଗଧାଡ଼ିର ହାସ୍ୟ ତଥା ବ୍ୟଙ୍ଗ ସାହିତ୍ୟିକ ରୂପେ ଖୁବ୍ ଜଣାଶୁଣା ଥିଲେ "ଫତୁରାନନ୍ଦ" । ଅସଲ ନାମ ରାମଚନ୍ଦ୍ର ମିଶ୍ର ଥାଇ ସେ ଫତୁରାନନ୍ଦ ନାମରେ ନିଜର ପରିଚୟ ବୃଦ୍ଧି କରାଇ ପାରିଛନ୍ତି । ପ୍ରାୟ ୫୦୦ ରୁ ଅଧିକ ହାସ୍ୟରସାତ୍ମକ ଗଳ୍ପାଦି ରଚନା କରି ସେ ଓଡ଼ିଆ ସାହିତ୍ୟ ଜଗତରେ ଚିରପରିଚିତ ହୋଇଛନ୍ତି । ବର୍ତ୍ତମାନ ଓଡ଼ିଆ ସାହିତ୍ୟ ଜଗତରେ ନୂଆପିଢ଼ୀର ଅନେକ ହାସ୍ୟକବି, କବୟିତ୍ରୀ ସୃଷ୍ଟି ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ଜଗତର ସେହି ସ୍ୱନାମଧନ୍ୟ ହାସ୍ୟରସିକ, ପ୍ରତ୍ୟୁତ୍ପନ୍ନମତି ଉତ୍କଳଘଂଟ କବି ଯଦୁମଣିଙ୍କୁ କେହି ମଧ୍ୟ ଭୁଲିପାରିନାହାନ୍ତି ଏଯାବତ୍ । "ଯଦୁମଣି ରହସ୍ୟ" ନାମରେ ପ୍ରକାଶିତ ପୁସ୍ତକଟିକୁ ବଜାରରେ ବହିଦୋକାନରେ ଦେଖିବାଠାରୁ ଆରମ୍ଭ କରି ପାଠାଗାର ଓ ଘରୋଇ ପୁସ୍ତକାଗାରରେ ଦେଖିଦେଲେ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଆଗ୍ରହ ପ୍ରକାଶ କରିଥାନ୍ତି ଏ ପୁସ୍ତକକୁ ପଢ଼ିବା କିମ୍ବା ଶୁଣିବାପାଇଁ । ବାସ୍ତବିକ୍ ଉତ୍କଳଘଂଟ ହାସ୍ୟରସିକ କବି ଯଦୁମଣି ଓଡ଼ିଆ ସାହିତ୍ୟ ଜଗତରେ ହାସ୍ୟରସର ଏକ ମାଇଲଖୁଣ୍ଟ ।

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଖୋର୍ଦ୍ଧା ରାଜା ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ରାଜ୍ୟ ଶାସନ କାଳରେ ମହମ୍ମଦ ତକୀ ଖାଁ ଖୋର୍ଦ୍ଧା ଆକ୍ରମଣ କରି ରାମଚନ୍ଦ୍ର ଦେବଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କରି ରଖିଥିଲେ । ଏହା ସହ ତକୀ ଖାଁ ଶ୍ରୀଜଗନ୍ନାଥାଦି ଚତୁର୍ଦ୍ଧା ମୂର୍ତ୍ତିଙ୍କ ସମେତ ଗଜପତି ପରିବାରକୁ ନିଶ୍ଚିହ୍ନ କରିଦେବାକୁ ମସୁଧା କରିଥିଲା । ଏପରି ଏକ ବିପର୍ଯ୍ୟୟ ସମୟରେ ଆଠଗଡ଼ ରାଜା ରଘୁନାଥ ଜଗଦ୍ଦେବ ତକୀ ଖାଁର ଆକ୍ରମଣ ପ୍ରତି ଭୟ ନ କରି ଖୁବ୍ ସାହସୀକତାର ସହ ଗତପତି ପରିବାରକୁ ନିଜ ରାଜ୍ୟରେ ଗୋପନରେ ଆଶ୍ରୟଦେବା ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସମେତ ଗଜପତି ତକୀ ଖାଁର ଆକ୍ରମଣ ପ୍ରତି ଭୟ ନ କରି ଖୁବ୍ ସାହସୀକତାର ସହ ଗଜପତି ପରିବାରକୁ ନିଜ ରାଜ୍ୟରେ ଗୋପନରେ ଆଶ୍ରୟଦେବା ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ତାଙ୍କ ରାଜ୍ୟର ମଥୁରା ନିକଟବର୍ତ୍ତୀପାଣ୍ଡିପଡ଼ାରେ ଦିଅଁଙ୍କୁ ଭୂଗର୍ଭରେ ଲୁଚାଇ ରଖିଥିଲେ । ପରବର୍ତ୍ତୀ ସମୟରେ ଆଠଗଡ଼ ରାଜା ରଘୁନାଥ ଜଗଦେବଙ୍କ ପ୍ରଧାନମନ୍ତ୍ରୀ ରାଜଗୁରୁ ପରମଲକ୍ଷ୍ମୀ ମହାପାତ୍ରଙ୍କ ପ୍ରଚେଷ୍ଟାରେ ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ ବନ୍ଦୀମୁକ୍ତ ହେଲେ । ଉକ୍ତ ଉପକାରର ପ୍ରତିଦାନ ସ୍ୱରୂପ ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବ ରଘୁନାଥ ଜଗଦ୍ଦେବଙ୍କୁ ଭାଇର ମାନ୍ୟତା ଦେଇ ଆଲିଙ୍ଗନ କରିଥିଲେ ଏବଂ ଆଠଗଡ଼ ରାଜ୍ୟରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲେ ।

ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଦୁଇଜଣ ବିଶ୍ୱକର୍ମାଙ୍କୁ ପୁରୀ ନଗରୀରୁ ଆମନ୍ତ୍ରଣ କରାଯାଇଥିଲା । ସେମାନେ ଥିଲେ ଜଗନ୍ନାଥ ଓ ରଘୁମଣି । ଉଭୟେ ଭବ୍ୟ ମନ୍ଦିର ନିର୍ମାଣ କରନ୍ତେ ରାଜା ଦୁହିଁଙ୍କୁ ଜମି, ଭୂମି ଜାଗିରି ଦେଇଥିଲେ । କାଳକ୍ରମେ ଆର୍ତ୍ତବନ୍ଧୁ ନିଃସନ୍ତାନ ହୋଇ ପରିଶେଷରେ ରଘୁମଣି ନାମରେ ପୋଷ୍ୟସନ୍ତାନ ଗ୍ରହଣ କରି ମୃତ୍ୟୁବରଣ କଲେ । ବିଧିର ବିଧାନ ବଡ଼ ବିଚିତ୍ର । ନିଃସନ୍ତାନ ଆର୍ତ୍ତବନ୍ଧୁଙ୍କ ପୋଷ୍ୟପୁତ୍ର ରଘୁମଣିଙ୍କ ବଂଶ ଖୁବ୍ ଶୀଘ୍ର ପଦ୍ମବନ ପରି ବଢ଼ିବାକୁ ଲାଗିଲା । ଜଗନ୍ନାଥଙ୍କ ପୁତ୍ର ମଧୁସ୍ୱଦନ ଜ୍ଞାତିଶତ୍ରୁତା ଯୋଗୁଁ ଆଠଗଡ଼ ଛାଡ଼ି ରଣପୁର ଗଡ଼କୁ ଚାଲି ଆସିଥିଲେ । ସମୟ କ୍ରମେ ରଘୁମଣିଙ୍କ ପୁତ୍ର ମୁକୁନ୍ଦ ରଣପୁର ଗଡ଼ର ଯୋଶୀ ରତ୍ନଙ୍କ ରୂପବତୀ ଓ ଗୁଣବତୀ କନ୍ୟା ଶୋଭାଦେଇଙ୍କୁ ବିବାହ କରିଥିଲେ । ଉକ୍ତ ମୁକୁନ୍ଦ ଓ ଶୋଭାମଣି ଥିଲେ କବିମଣି ଉତ୍କଳଘଂଟ କବି ଯଦୁମଣିଙ୍କ ପିତାମାତା ।

୧୭୭୫ ମସିହା ବେଳକୁ ମୁକୁନ୍ଦ ମହାପାତ୍ର ଖୁବ୍ ଧନୀଶାଳୀ ହୋଇଥିଲେ । ମାତ୍ର ସବୁ ପାଇ ମଧ୍ୟ ସେ ଖୁବ୍ ଦୁଃଖିତ ଥିଲେ ଏଇଥି ପାଇଁ ଯେ, ବିବାହର ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମୁକୁନ୍ଦ ଓ ଶୋଭାମଣିଙ୍କର କୌଣସି ଛୁଆପିଲା ନଥିଲା । ମୁକୁନ୍ଦଙ୍କ ମାଆ ତଥା ଶୋଭାମଣିଙ୍କ ଶାଶୁ ଦୁଲଣା ଦେଇ ଶୋଭାମଣିଙ୍କୁ ନେଇ

କେତକୀଝରେ ନାମକ ପୁଷ୍କରିଣୀକୁ ଗାଧୋଇ ଯାଆନ୍ତି ଓ କୂଳରେ ଥିବା ଯଦୁକୃଷ୍ଣଙ୍କୁ ପୂଜାର୍ଚ୍ଚନା କରନ୍ତି । ଆଳସ୍ୟ ହେତୁ ଏ ଦିଗରେ ପ୍ରଥମେ ପ୍ରଥମେ ଶୋଭାମଣି ଆଗ୍ରହ ପ୍ରକାଶ କରୁ ନଥିଲେ । ନିଃସନ୍ତାନ ହେତୁ ନିନ୍ଦା ଓ ଲାଞ୍ଛନା ପାଇବା ପରେ ସେ ସ୍ୱତଃପ୍ରବୃତ ଭାବରେ ଯଦୁ କୃଷ୍ଣଙ୍କୁ ପୂଜାର୍ଚ୍ଚନା କରି ଗର୍ଭଧାରଣ କଲେ । ନିୟତିର ସଂଯୋଗ କିନ୍ତୁ ଭିନ୍ନ । ଗର୍ଭଧାରଣ ସମୟରେ ଖୁବ୍ ଦୁର୍ଭିକ୍ଷ ପଡ଼ିଲା । ଖାଦ୍ୟାଭାବ ହେତୁ ରାଜକୋଷ ସମେତ ମୁକୁନ୍ଦ ମହାପାତ୍ରଙ୍କ ଭଣ୍ଡାର ଘର ଡ଼କାୟତମାନେ ଖାଲି କରିଦେଲେ । ସମୟକ୍ରମେ ଶୋଭାମଣି ଭଗବାନ ଯଦୁକୃଷ୍ଣଙ୍କ ମନ୍ଦିର ସମ୍ମୁଖରେ କେତକୀଝରେ ପୁଷ୍କରିଣୀ କୂଳରେ ଶିଶୁପୁତ୍ର ହାସ୍ୟରସିକ, ବାଣୀସେବକ ଯଦୁମଣି ଜନ୍ମହୋଇଥିଲେ । ମୁକୁନ୍ଦ ମହାପାତ୍ରଙ୍କ ପରିବାର ଦୁର୍ଭିକ୍ଷ ପରଠାରୁ ଖୁବ୍ ଦୟନୀୟ ଅବସ୍ଥାରେ କାଳଯାପନ କଲେ । ମାତ୍ର ଏପରି ଏକ ପ୍ରତିକୂଳ ପରିସ୍ଥିତିରେ ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଶିଶୁ ଅବସ୍ଥାରୁ ସ୍ୱରଧରି ଗୀତ ଗାଇବା ସହ ସାହିପଡ଼ୋଶୀ ମାଇପିଙ୍କ ନାମରେ ରହସ୍ୟମୂଳକ ଢ଼ଗଢ଼ମାଳି ଲେଖି ଗାଇବା ଆରମ୍ଭ କରିଦେଇଥିଲେ ବାଳକ କବି ଯଦୁମଣି ।

ଦାରିଦ୍ର୍ୟ ସହ୍ୟ କରି ନପାରି ମୁକୁନ୍ଦ ମହାପାତ୍ର ସ୍ତ୍ରୀ ଶୋଭାମଣି ଓ ୧୦ ବର୍ଷର ଶିଶୁପୁତ୍ର ଯଦୁମଣିଙ୍କୁ ସାଥିରେ ଧରି ଆଠଗଡ଼ ରାଜ୍ୟ ତ୍ୟାଗ କଲେ ଓ ନୟାଗଡ଼ ରାଜ୍ୟରେ ପହଞ୍ଚିଲେ । ଉକ୍ତ ରାଜ୍ୟରେ ରହି ବିଭିନ୍ନ ସମୟରେ ସଂସ୍କୃତାଦି ବିଦ୍ୟାଧ୍ୟୟନ କଲେ । ଶେଷରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କୁ ନିଜର ଆଦର୍ଶ କରି ତାଙ୍କ ପରି କବିଟିଏ ହେବାକୁ ଇଚ୍ଛା ପୋଷଣ କଲେ । ଏତଦର୍ଥେ ନୟାଗଡ଼ ରାଜ୍ୟର ପ୍ରଧାନ ବାଣିଜ୍ୟକେନ୍ଦ୍ର ଇଟାମାଟିରେ ଅବସ୍ଥାନ କଲେ । ବଢ଼େଇ କୁଳରେ ଜନ୍ମ ନେଇଥିବାରୁ ଶୂଦ୍ର ହେତୁ ଜନୈକ ଗୁରୁଙ୍କଠାରୁ ଜ୍ଞାନପ୍ରାପ୍ତି ନିମନ୍ତେ ଯାଇ ଗୁରୁକୃପାରୁ ବଞ୍ଚିତ ହୋଇ ମନବ୍ୟସ୍ତରେ ଫେରୁଥିଲେ । ଉକ୍ତଗୁରୁ ତାଙ୍କର ଅନ୍ୟଜଣେ ଶିଷ୍ୟଙ୍କ ସହ ଫେରିବାବେଳେ ଗୋଟିଏ ଶ୍ଳୋକଗାନ କଲେ । ଯଦୁମଣି ତାର ପତ୍ୟୁତରରେ ଶ୍ଳୋକ କତୋଟି ଗାଇଥିବାରୁ ତାଙ୍କର କବି ପ୍ରତିଭାରେ ଖୁବ୍ ଖୁସି ହୋଇଯାଇଥିଲେ । ପରବର୍ତ୍ତୀ ସମୟରେ ସେହି ଗୁରୁହିଁ ତାଙ୍କୁ ପଚାରିଥିଲେ ଯେ, ତୁମକୁ ବଂଶ ଦରକାର ନା ନାମ ? ଯଦୁମଣି ନାମ କହିବାରୁ ତାଙ୍କୁ ହୟଗ୍ରୀବ ଦୀକ୍ଷା ପ୍ରଦାନ କରିବାବେଳେ ଅଶ୍ୱମୁଖ ଧାରଣ କରିଥିବା ଚତୁର୍ଭୁଜ ଧାରୀ ବିଷ୍ଣୁ ମୂର୍ତ୍ତିଙ୍କୁ ଦେଖି ଯଦୁମଣି ହସିଉଠିଲେ । ପରିହାସ କରି ସେ ମୂର୍ତ୍ତିଙ୍କୁ କହିଲେ, ତୁମେ ତ ଚାରି ହାତରେ ଚାରିଟି ପଦାର୍ଥ ଧରିଚ, ନାକ ସୁଡୁସୁଡୁ କରୁଚ । ସିଂଘାଣି ବାହାରିଲେ ତାକୁ କେମିତି ପୋଛିବ ?

କବି ଯଦୁମଣି ଖଂଜନାଙ୍କୁ ବିବାହ କଲେ । ସେତେବେଳେ ପିଲାକନ୍ୟା ବିବାହ । ଚତୁର୍ଥୀ ରାତିରେ ବର କନ୍ୟାର ଶେଯ ଛୁଇଁ ଚାଲିଆସିବା କଥା । କିନ୍ତୁ ଯଦୁମଣି ଖଂଜନାଙ୍କ ପାଖରେ ଶୋଇ ରାତି କଟେଇଦେଲେ ସଙ୍କୋଚତାର ସହ । ମାତ୍ର ଅନ୍ୟମାନେ ଖୁବ୍ ନିନ୍ଦା କଲେ । ଦଶ ମଙ୍ଗଳାକୁ ଲୁଚିବା ପାଇଁ ସେ ଚାଲିଗଲେ ପୁରୀ । ଜଣେ ସୁଆରଙ୍କ ସ୍ତ୍ରୀ ଚରିତ୍ରହୀନା ଥିଲେ । ତେଣୁ ସେ ସୁଆର ତାଙ୍କ ସ୍ତ୍ରୀଙ୍କୁ ଜଗିବା ଦାୟିତ୍ୱ ଦେଇଥିଲେ ଯଦୁମଣିଙ୍କୁ । ସ୍ତ୍ରୀ ଲୋକଟି ଏଥିପାଇଁ ଯଦୁମଣିଙ୍କ ଉପରେ ଖୁବ୍ ରାଗିଯାଇ ଖାଇବାକୁ ନ ଦେଇ ଶୋଇପଡ଼ିଲେ । ତେଣୁ ମାଇକିନିଆକୁ ପାନେ ଦେବା ଆଶାରେ ଭିତରପଟୁ କବାଟ ବନ୍ଦ୍ କରି ରହିଲେ ଯଦୁମଣି । ଗୃହକର୍ତ୍ତା ସୁଆର ଆସି ଡ଼ାକିଲେ । ଯଦୁମଣି କହିଲେ, କିଏ ? ଉତ୍ତର ଆସିଲା, ମୁଁ ଘରର ମାଲିକ । ଯଦୁମଣି କହିଲେ, ଏମିତି ଘରର ମାଲିକ କହି କହି ଚାରି ପାଞ୍ଚ ଜଣ ଆସି ଚାଲିଗଲେଣି । ଏକଥା ଶୁଣି ରାଗିଯାଇ ସୁଆର ଘରର କବାଟ ଭାଙ୍ଗି ଭିତରେ ପଶିଲେ ଓ ସ୍ତ୍ରୀକୁ ଖୁବ୍ ମାଡ଼ମାରିଲେ । ଏହାପରେ ଖଡ଼ିରେ ସେଇ ସୁଆର ଘରେ ପଦ ଲେଖିଦେଇ ଚାଲିଗଲେ । ସେଇ ଲେଖିବା ପଦଟି ହେଉଛି ଯଦୁମଣିଙ୍କ ପ୍ରଥମ ରମ୍ୟରଚନା । ପରେ ପରେ ସେ ଅନେକ ହାସ୍ୟ କବିତା ରଚନା କରିଥିଲେ; ଏବଂ ତତ୍ ସହିତ ରାଘବ ବିଳାସ ଓ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ରଚନା କରି ଯାଇଛନ୍ତି ।

ଥରେ ଭ୍ରମରବର ନାମରେ ଜଣେ ଧନୀ ଲୋକ ଗୋଟିଏ ଗାଈକୁ ଦେଖାଇ କହିଲେ, ମହାପାତ୍ରେ କହିଲ – ଏ ଗାଈ କଣ ଜନମ କରିବ ? ଯଦୁମଣି କହିଲେ,

"ଯଦୁକୁଳ ଶୂଳ ନୁହେଁ ମୂଷଳ
ଓଡ଼କୁଳ ଫୁଲ, ନୁହଁଇ ଫଳ" ।

ଭ୍ରମରବରଙ୍କୁ ବୁଝାଇ କହିଲେ, ଫୁଲ କି ମାଇ ନୁହଁ, ଫଳ କି ଅଣ୍ଡିରାଟିଏ ପ୍ରସବ କରିବ । ଗାଈ ଅଣ୍ଡିରାଟିଏ ପ୍ରସବ କରିବାରୁ ଭ୍ରମରବର କହିଲେ, ଗାଈ କ୍ଷୀର ଛଡ଼ାଇଲେ ତୁମେ ନେଇଯିବ । ମାତ୍ର ଲୋଭ ବଶତଃ ପରେ ସେ ଦେଇ ନ ଥିଲେ । ଯଦୁମଣି ବିରକ୍ତ ହୋଇ କହିଲେ,

"ଗଡ଼ ବଡ଼ପାରି ଓଡ଼ ଭ୍ରମରା
ବଡ଼ ଭାଡ଼ି ଶୁଆ ମୋଡ଼ା ଭଅଁରା
ହସ୍ତେ ଅଟା ବାଡ଼ି ମୁଖେ କାହାଳୀ
ନିର୍ଧୂମ ଧୂଆଁ ଦେଉଥାନ୍ତି ଗିଳି
ଏ ଜାତିଙ୍କ ଠଣା
ମଦତ ପାନେ ନଥାଏ ଠିକଣା" ।

ଲାଜ ପାଇଲେ ଭ୍ରମରବର । ଯଦୁମଣିଙ୍କ ଘରକୁ ପଠେଇ ଦେଲେ ।

ରାଜା ବିନାୟକ ଯଦୁମଣିଙ୍କୁ ନିଷ୍କର ଜମିଟିଏ ଦେବାକୁ ବହୁଦିନ ହେଲା ଜଗେଇ ଥିଲେ । ଶେଷରେ କବିଙ୍କୁ ପଡ଼ିଆ ଜମି ଦେଲେ । ବହୁଦିନ ଅପେକ୍ଷା କରି ଶେଷରେ ଏମିତି ଜମି ପାଇ ଥିବାରୁ ସେ ରାଜାଙ୍କ ଉଦ୍ଦେଶ୍ୟରେ ଏକ କବିତା ଲେଖିଲେ –

ଦେଉ ଆଜ୍ଞା ହେଲେ ହରଷେ
କରଣ ତା କଲେ ବରଷେ
ବାଛିବାଛି କରି ଦେଲେ ପଡ଼ିଆ
ଶ୍ରାବଣମାସରେ ଭାଙ୍ଗେ ନଡ଼ିଆ
ଏମନ୍ତ ସେ ଭୂଇଁ
ଚାକୁଣ୍ଡାବୁଣିଲେ ଉଠଇ ନାହିଁ ।

ସଙ୍ଗାତୁଣୀ ଘରେ ଖାଇବାକୁ ଯାଇ କବି ଜାଣିଲେ ତରତରରେ ରାନ୍ଧିଥିବା ଡ଼ାଲି ସ୍ୱାଦହୀନ ଥିଲା । ସେ ଡ଼ାଲିକୁ ଓ କେରାଣ୍ଡି ମାଛ ରନ୍ଧାକୁ ନିନ୍ଦା କରିଥିଲେ । ତେଣୁ ସଙ୍ଗାତୁଣୀ ଠିକ୍ ଭାବରେ ରନ୍ଧାବଢ଼ା କରନ୍ତୁ; ଏହି ଉଦ୍ଦେଶ୍ୟରେ କବି ଲେଖିଲେ –

ଦନ୍ତେ ବାଜନ୍ତେ ରୁଡୁମୁଡୁ
ବାଜିଲା ଘୁଡୁଘୁଡୁ
ବେଳରୁ ଓହ୍ଲାଇ ଥିଲା ଦରାଣ୍ଡି
ଆଣିଥିଲା କେରାଣ୍ଡି ମାଛ
କେରାଣ୍ଡୀ ରାନ୍ଧିଅଛି ଦିଶଇ ସ୍ୱଚ୍ଛ ।

ଥରେ ଯଦୁମଣିଙ୍କୁ ବାତ ଧରିଲା । ରାଜା ଖବର ପଠେଇଲେ କଣ ଦରକାର କୁହ । କବି କହିଲେ, ଚାଲବୁଲ କରି ଖୁବ୍ କଷ୍ଟ ହଉଚି । ମୋତେ ଗୋଟିଏ ଘୋଡ଼ା ଦିଅନ୍ତୁ । ରାଜା ପୁଣି ଖବର ପଠେଇଲେ, କି ଘୋଡ଼ା ଦରକାର କହ କବି କବିତା ଲେଖି ପଠେଇଥିଲେ –

"ନୋହିବ ହରିଣ ନୋହିବ ଗାଈ
ଘୋଡ଼ା ନାମ ବହି ହୋଇବ ମାଈ
ପିଇବ ତୋରାଣି ଖାଇବ କୁଣ୍ଡା
ତେବେ ଯଦୁମଣି ହୋଇବ ଭେଣ୍ଡା" ।

ପରେ ରାଜା ଖୁସି ହୋଇ ଗୋଟିଏ ଧଳା ରଙ୍ଗର ଘୋଡ଼ି ଦେଇଥିଲେ ଯଦୁମଣିଙ୍କୁ ।

ରାଜା ବିନାୟକଙ୍କ ଦରବାରକୁ ଥରେ ଦୁଇ ଦୁଇ ଜଣ ହୋଇ କିଛି ଲୋକ ଅଭିଯୋଗ ପାଇଁ ଆସିଲେ । ହେଲେ, ରାଜା କହିଲେ ଜଣେ ଜଣେ ଆସ । ମାତ୍ର ପାରିଷଦ କହିଲେ ଏକାସାଙ୍ଗରେ ଦୁଇଜଣ ଲେଖାଏଁ ଦେଖା କଲେ କିଛି ଅସୁବିଧା ନାହିଁ । ତେଣୁ ରାଜା ଦୁଇଦୁଇ ଜଣ ଆସି ଅଭିଯୋଗ କରିବାକୁ ଅନୁମତି ଦିଅନ୍ତେ ଏପରି ହେଲେ ଅସୁବିଧା ହେବ ବୋଲି କବି ତାଙ୍କ ରଚନା ମାଧ୍ୟମରେ ଜଣାଇବାକୁ ଯାଇ ଲେଖିଲେ,

"ଦାରୀ, କୁକୁର, ନାହାକ, ବୁଢ଼ା
ନୁହନ୍ତି କେଉଁ ଯୋଡ଼ା ଯୋଡ଼ା
ଯେବେ ହୁଅନ୍ତି ଯୋଡ଼ା ଯୋଡ଼ା
ଦେଖ ତାଙ୍କର ତଡ଼ା କାମୁଡ଼ା" ।

ଥରେ ରାଜା-ରାଣୀ ଦୁଃଖ ସୁଖ ଆଳରେ ଆଜି କି ତରକାରୀ ହେଇଥିଲା ଯଦୁମଣି ବୋଲି ପଚାରନ୍ତେ, କବି ବାଉଁଶ କରଡ଼ି ତରକାରି ବିଷୟରେ କହିବାକୁ ଯାଇ ଗାଇଥିଲେ –

"ପିଲାଟି ଦିନରୁ ମୁଣ୍ଡରେ ଟୋପି
କୃଷ୍ଣ ଅବତାରେ ମୋହିଲେ ଗୋପୀ
ରାମ ଅବତାରେ ରାବଣ ମାରି
ଆଜି ହୋଇଥିଲା ସେହି ତର୍କାରି" ।

ସେମିତି ଥରେ ଶ୍ରୀଧର ମହାପାତ୍ର ନାମକ ବ୍ରାହ୍ମଣଙ୍କୁ ଆମ୍ବୁଲ ଦିଖଣ୍ଡି ମାଗିବାକୁ ଯାଇ ନିମ୍ନପ୍ରକାରେ ଗୀତଟି ଗାଇଥିଲେ କବି ଯଦୁମଣି –

"ଅଚ୍ୟୁତ ଖଣ୍ଡାଚ୍ୟୁତ ହୋଇଥିବ,
ଆନନ୍ଦ ମୂଳକ; ଦ୍ୱିଖଣ୍ଡ ହବ" ।

ଅର୍ଥଟି ଏପରି ଯେ, ଅଚ୍ୟୁତ ଅର୍ଥାତ୍ ବିଷ୍ଣୁଙ୍କ ଖଣ୍ଡାର ନାମ ନନ୍ଦକ । ଆନନ୍ଦ ମୂଳକରୁ ନନ୍ଦକ କଟିଗଲେ ଆମୂଳ ରହେ । ଆମୂଳ ଅର୍ଥାତ୍ ଆମ୍ବୁଲ ।

ଆଉ ଦିନେ ଯଦୁମଣି ଘର ଛପର କରୁଥାନ୍ତି । ରାଜାଙ୍କର ଡାକରା ଆସିଲା । ନିଜେ ଯୁବରାଜ ଆଜି କହିଗଲେ, ଛାମୁ ଡ଼ାକିଛନ୍ତି । ମହାପାତ୍ରେ କାମ ଛାଡ଼ି ଯାଇପାରିଲେନି । ବିଳମ୍ବ ହବାରୁ ଅନ୍ୟଜଣେ ଡାକିବାକୁ ଆସିଲେ । ଯଦୁମଣି ରାଗିଯାଇ କହିଲେ –

"ବୋପା ଶଳାର ଯେମିତି ଅହନ୍ତା,
ପୁଅ ଶଳାର ସେମିତି ଅହନ୍ତା ।"

ଲୋକଟି ଯଦୁମଣିଙ୍କଠାରୁ ଯାହା ଶୁଣିଲା ରାଜାଙ୍କୁ ଯାଇକି କହିଦେଲା । ରାଜା ଯୁବରାଜଙ୍କଠାରୁ ସତକଥା ଶୁଣିବା ପରେ କବି ମଧ୍ୟ ବିଚଳିତ ହୋଇ ପ୍ରତ୍ୟୁତ୍ପନ୍ନମତି ହେତୁ ବୁଝାଇ ଦେଲେ ଯେ, ହେ ମହାରାଜ ଏବେ ମାଙ୍କଡ଼ ଢ଼େଇଁକି ଚାଳ ଉଖାରି

ଦେଇଛନ୍ତି । ଯଦି ଛପର ନକରେ ତେବେ ମାଙ୍କଡ଼ (ହନୁମାନ) ର ବାପା ପବନ ଛପର ଅଧିକ ଉଡ଼େଇ ନବ ବୋଲି କାମ କରୁଥିଲି । ଯଦୁମଣିଙ୍କ କବିତ୍ୱରେ ମୁଗ୍ଧ ହୋଇ ରାଣୀଙ୍କଦ୍ୱାରା ରାଜା କବିଙ୍କୁ ବହୁତ ପଦାର୍ଥ ପ୍ରଦାନ କରିଥିଲେ ।

ଯଦୁମଣି ଦିନେ ପୁରୀ ଦାଣ୍ଡରେ ଏକୁଟିଆ ମହାପ୍ରଭୁଙ୍କ ପାଖକୁ ଯାଇଥିଲେ । ଜଗନ୍ନାଥ ରାୟଗୁରୁ ନାମକ ଜଣେ ପଣ୍ଡିତ କବିଙ୍କ ପରିଚୟ ପଚାରନ୍ତେ, ଉତରରେ କବି କହିଲେ,

"ହୟଗ୍ରୀବ ମହାପ୍ରଭୁ ପ୍ରତାପେ
ଥୋଡ଼ା ନୁହେଁ ଲୋଡ଼ା କରନ୍ତି ନୃପେ
ଯୋଡ଼ାହେବା ମୋ ପ୍ରୌଢ଼ି କବିତାକୁ
ବଳି ବଳି ରସଦାନୀ କର୍ଣ୍ଣକୁ
ଭଲେ ଭଲ ଖଂଟେ ଖଂଟ ଯେ
ନବ ଦୁର୍ବାଦଳ ଶ୍ୟାମଳ କୃପାରୁ
ମୋ ନାମ ଉତ୍କଳ ଘଂଟ ଯେ" ।

ଅର୍ଥାତ୍ ହୟଗ୍ରୀବ ମହାପ୍ରଭୁଙ୍କ ପ୍ରତାପରୁ ସାଧାରଣ ଲୋକଙ୍କଦ୍ୱାରା ମୁଁ ଆଦୃତ ନ ହୋଇଲେ ମଧ୍ୟ ଶ୍ରେଷ୍ଠ ରାଜାମାନଙ୍କଦ୍ୱାରା ଆଦୃତ ହୁଏ । ମୋର ତିଆରି ବଳିଷ୍ଠ କବିତାମାନ କାନକୁ ବଳି ବଳି ରସ ପ୍ରଦାନ କରିଥାଏ । କିନ୍ତୁ ମୁଁ ଭଲ ସାଥିରେ ଭଲ, ଖଂଟ ସାଥିରେ ଖଂଟପଣିଆ ଦେଖାଇଥାଏ । ନବଦୁର୍ବାଦଳ ଶ୍ୟାମଳ ବର୍ଣ୍ଣବିଶିଷ୍ଟ ଭଗବାନ ହୟଗ୍ରୀବଙ୍କ କରୁଣାରୁ ମୋ ନାମ ଉତ୍କଳଘଂଟ ଅଟେ । ଘଂଟଧ୍ୱନିରେ ଯେପରି ଦୁନିଆ ମୋହିତ ହୁଏ, ମୋ ଧ୍ୱନିରେ ସେପରି ଉତ୍କଳ ଚମକିତ ହୋଇଥାଏ ।

ମଲ୍ଲିନାଥ, ଭାରବି ମହାକାବ୍ୟର ଟୀକା କଲାବେଳେ ପ୍ରଥମରେ କହିଥିଲେ –

"ନାରିକେଳଫଳ ସମ୍ମିତଂ ବଚୋ ଭାରବେଃ ସପଦି ତଦ୍ ବିଗୃହ୍ୟତେ ।

ସ୍ୱାଦୟନ୍ତୁ ରସଗର୍ଭ-ନିର୍ଭରଂ ସାରସମ୍ୟ ରସିକା ଯଥେପ୍ସିତମ୍ ।"

ଅର୍ଥାତ୍ ଭାରବିଙ୍କର କବିତା ନଡ଼ିଆ ଫଳ ପରି ଉପରେ କଠିନ । ତାହାକୁ ବ୍ୟାଖ୍ୟା କରି ମୁଁ ଭାଙ୍ଗୁଅଛି । ନଡ଼ିଆ ଭାଙ୍ଗିଲେ ରସ ପରିପୂର୍ଣ୍ଣ, ତାର ସାର ଯେପରି ଲୋକେ ଖାଆନ୍ତି, ସେହିପରି ରସିକମାନେ ଯଥେଚ୍ଛଭାବରେ ଭାରବି କାବ୍ୟର ରସ ଆସ୍ୱାଦନ କରନ୍ତୁ । ଠିକ୍ ସେହି ପରି ପ୍ରତ୍ୟୁତ୍ପନ୍ନମତି ବାଣିପୁତ୍ର ଉତ୍କଳଘଂଟ କବିମଣି କବି ଯଦୁମଣିଙ୍କ ହାସ୍ୟରସ ପରିପୂର୍ଣ୍ଣ କବିତାକୁ ବୁଝିବା ନଡ଼ିଆ ପରି କଠିନ ହୋଇପାରେ । କିନ୍ତୁ ତାହା ଭିତରକୁ ପ୍ରବେଶ କରିପାରିଲେ କେବଳ ମଧୁରସ୍ୱାଦ ହିଁ ମିଳିପାରିବ ସନ୍ଦେହର ଅବକାଶ ନାହିଁ ।

ଅନନ୍ତ ବିଦ୍ୟାପୀଠ, ଡ଼ଙ୍ଗରପାଉଁସୀ,କୁନ୍ଦ୍ରା, କୋରାପୁଟ

# ସମ୍ପର୍କ

ଅରୁଣ କୁମାର ବିଶ୍ୱାଳ

ଚାରିଆଡ଼େ ଝଡ଼ ପରର ନୀରବତା । ବିଧ୍ୱଂସକାରୀ ମହାବାତ୍ୟା ଫନୀ ଯିବାର ଚବିଶ ଘଣ୍ଟା ପୁରିନି, ହଷ୍ଟେଲ୍ ବନ୍ଦ କରିଦିଆଯିବାରୁ ସବୁପିଲା ଯେ ଯାହା ଘରକୁ ଚାଲିଗଲେଣି । ଷ୍ଟେସନ୍ ଯାଇ ଫେରିଆସିଲି । ସବୁ ଟ୍ରେନ୍ ବାତିଲ । ରାତି ବସ୍‌ରେ ଘରକୁ ଫେରିବି ଭାବି ହଷ୍ଟେଲ୍‌ରେ ଅଟକି ଗଲି । ବିନା ଖାଦ୍ୟରେ ଦିନଟି ବିତାଇବାକୁ ପଡ଼ିଲା । ଏ.ଟି.ଏମ୍.ରେ ପଇସା ନାହିଁ । ଫୋନ୍‌ସେବା ବିପର୍ଯ୍ୟସ୍ତ । ଜଟଣୀରୁ ରାଉରକେଲା ବହୁତ ଦୂର ।

ବରମୁଣ୍ଡାରୁ ବସ୍ ଧରି ଯିବା ଉଦ୍ଦେଶ୍ୟରେ ସନ୍ଧ୍ୟା ୫ଟା'ରେ ହଷ୍ଟେଲ୍‌ରୁ ବାହାରିଲି । ଚାରିଆଡ଼େ ଶୂନ୍‌ଶାନ । ରାସ୍ତା ଉପରେ କୁଢ଼ କୁଢ଼ ଅଳିଆ, ଇଲେକ୍ଟ୍ରିକ୍ ତାର, ଗଛଡ଼ାଳରେ ପରିପୂର୍ଣ୍ଣ । ବହଳିଆ ଅନ୍ଧାର ଭିତରେ ଜଟଣୀ ସହରଟା ଶୀଘ୍ର ଶୋଇପଡ଼ିଲା ଭଳି ଲାଗୁଥିଲା । ବହୁତ ସମୟ ଅପେକ୍ଷା କରି ମଧ୍ୟ କିଛି ଗାଡ଼ି, ମୋଟର୍ ପାଉ ନଥାଏ । ରାତ୍ରିର ଅନ୍ଧାର ଯେତେ ବଢୁଥାଏ, ନିରାଶା ଓ ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡୁଥାଏ । ମନେମନେ ଈଶ୍ୱରଙ୍କୁ ଡାକିଲି । କିଛି ସମୟ ପରେ ଗୋଟିଏ ଗାଡ଼ିର କ୍ଷୀଣ ଆଲୋକ ଦେଖି ତତ୍‌କ୍ଷଣାତ ହାତଟେକି ଲିଫ୍ଟ ମାଗିଲି । ଭଦ୍ରବ୍ୟକ୍ତି ଜଣକ ନିଜର ସ୍କୁଟର୍‌ଟିକୁ ବ୍ରେକ୍ ମାରି ଅଟକାଇଲେ । କିଛି କହିବା ପୂର୍ବରୁ ବସିବାକୁ ଇସାରା ଦେଲେ । ମୁଁ ବି ବସିପଡ଼ିଥିଲି ତାଙ୍କ ଗାଡ଼ି ପଛସିଟ୍‌ରେ । କଳା ମଚମଚ ଦେହ, ବଳିଷ୍ଠ ବାହୁ । କୌଣସି ଡନ୍‌ର ଚେହେରାଠୁ କମ୍ ନୁହେଁ । ପାଟିରୁ ମଦର ଗନ୍ଧ । ମନେମନେ ଶଙ୍କିଗଲି । ବୁଡ଼ିଯାଉଥିବା ଲୋକ କୁଟାଖିଅକୁ ଆଶ୍ରା କଲାଭଳି ମୋର ଏକମାତ୍ର ଆଶ୍ରା ଭାବି ଚୁପ୍‌ଚାପ୍ ବସି ରହିଥିଲି । ପିଣ୍ଡରେ ପ୍ରାଣ ନଥିଲା ଭଳି ଲାଗୁଥାଏ ।

"କେଉଁଠିକୁ ଯିବ ?" ଚମକି ପଡ଼ିଲି ।

"ରାଉରକେଲା ଯିବି ଆଜ୍ଞା । ସବୁ ଟ୍ରେନ୍ ବାତିଲ । ଷ୍ଟେସନ୍ ଯାଇ ଫେରିଲି । ବସ୍‌ରେ ଯିବାକୁ ପଡ଼ିବ । ବରମୁଣ୍ଡାରୁ ବସ୍ ଧରିବି । ଆପଣ କେଉଁଠିକୁ ଯିବେ ?"

"ଯାଆଁଳା ଯାଏ ଯିବି ।" ତା' ପରେ ଚୁପ୍ ଚାପ୍ ।

"କ'ଣ ଖାଇଛ ?" ଚୁପ୍ ଚାପ୍ ରହିଲି । ମୋ ନୀରବତାର ଭାଷା ବୁଝିପାରିଲେ ସେ । ହେଲେ ସବୁ ଦୋକାନ ବଜାରତ ବନ୍ଦ । କ'ଣବା କିଏ କରିବ ? ଇତିମଧ୍ୟରେ ଆମେ ଜାତୀୟ ରାଜପଥରେ ପହଞ୍ଚି ସାରିଥିଲୁ । ସର୍ବଦା କୋଳାହଳମୟ ରାଜପଥଟା ବି ଖାଁ ଖାଁ ଲାଗୁଥିଲା । ଶୂନଶାନ ରାଜପଥରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଓହ୍ଲାଇ ଯିବାକୁ କହି ଧନ୍ୟବାଦ ଦେଇଥିଲି ତାଙ୍କୁ । ହେଲେ ଏ କ'ଣ ? ଗାଡ଼ି ଅଟକାଇବା ବଦଳରେ ଆଗକୁ ମାଡ଼ି ଚାଲିଥିଲେ । କିଛି ସମୟ ପରେ ଯାଆଁଳ ଛକ ଆସିଯାଇଥିଲା । ହେଲେ ଅଟକି ନଥିଲେ ସେ । ମନେ ମନେ ଶଙ୍କିଗଲି । କିଛି ସମୟ ନୀରବତା ପରେ ପୁଣି ଏକ ପ୍ରଶ୍ନ... ।

"ପାଖରେ ପଇସା ଅଛି ?"

"ନା... ।"

"କ'ଣ ଖାଇଛୁ ?"

"ଦିନ ଗୋଟାଏ ବେଳେ ବ୍ରେଡ଼୍ ଖାଇଥିଲି । ଏ.ଟି.ଏମ୍.ରେ ଲାଇନ୍ ଲଗାଇ ବିଫଳ ହେଲି । ପଇସା କାଢ଼ି ପାରିଲିନି ।" ଅତି ସନ୍ତର୍ପଣରେ ଉତ୍ତର ଦେଲି ।

"କେମିତି ବସ୍‌ରେ ରାଉରକେଲା ଯିବୁ ?"

"ସେଇମିତି ଚାଲିଯିବି ଆଜ୍ଞା । ବସ୍‌ରୁ ଓହ୍ଲାଇଲା ପରେ ବାପାଙ୍କଠୁ ଆଣି ଦେଇଦେବି ।" ଇତିମଧ୍ୟରେ ଗାଡ଼ିଟି ମଝିରାସ୍ତାକୁ ଆସି ଯାଇଥିଲା । ଡରିଗଲି ବହୁତ । ନିଶାରେ ଟଳମଳ ହେଉଥିବା ଲୋକଟି ପାଖରୁ ନିସ୍ତାର ପାଇବାକୁ ଭଗବାନଙ୍କୁ ଡାକିଲି । ଏହାପରେ ଅନେକ କଥା । ମୋ ପାଠ ପଢ଼ାଠୁଁ ଆରମ୍ଭ କରି ସାମ୍ପ୍ରତିକ ରାଜନୀତି ପର୍ଯ୍ୟନ୍ତ । କୌଣସିଥିରେ ମୋର ରୁଚି ନଥିଲା ଶୁଣିବାକୁ । ପେଟରେ ପେଟେ ଭୋକ ଓ ମନରେ ଅସମ୍ଭବ ଆଶଙ୍କା ମୋତେ ଦୁର୍ବଳ କରିଦେଉଥିଲା ।

କିଛି ସମୟ ପରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ଆସିଯାଇଥିଲା । ଗାଡ଼ି ଧୀର ହେବାରୁ ଚଟ୍‌କିନା ଓହ୍ଲାଇ ପଡ଼ିଲି । ହାତଯୋଡ଼ି କୃତଜ୍ଞତା ଜଣାଇଲାବେଳେ ମୋ ହାତରେ ପାଞ୍ଚଶହ ଟଙ୍କା ଗୁଞ୍ଜିଦେଲେ ସେ । ପାଖ ଦୋକାନରୁ କିଛି ବିସ୍କୁଟ୍, ମିକ୍ସଚର୍ ଓ ପାଣିବୋତଲ ଦେଇ ମୋତେ କହିଲେ – "ବସ୍‌ରେ ବସି ଖାଇନେବୁ । ଭୋକ ହେଉଥିବ ନିଶ୍ଚୟ ।" ଆଖି କଣରେ ମୋର ଲୁହ ଜକେଇ ଆସିଥିଲା । ମୋ ମା' କଥା ଭାରି ମନେପଡ଼ିଲା । କଲେଜ ଗଲାବେଳେ ହାତରେ ଲୁଚାଇ କିଛି ପଇସା ଧରାଇଦେଇ କହୁଥିଲା – "ଖାଇନେବୁ । ଖାଲିପେଟରେ ରହିବୁନି ଇତ୍ୟାଦି...ଇତ୍ୟାଦି ।" ହେଲେ ଏଭଳି ଆତ୍ମୀୟତାର ଶବ୍ଦ ଆଉ କ'ଣ କାହାଠାରୁ ଆଶା କରାଯାଇପାରେ ? ଏ ତ ମୋର କେହିନୁହେଁ । ହେଲେ ଏ ଯେଉଁ ସମ୍ପର୍କ ଯୋଡ଼ିଛନ୍ତି, ତାକୁ କ'ଣ ବା କୁହାଯାଇପାରେ । ବହୁତ ଲୋକଙ୍କଠୁ ଶୁଣିଛି, ଲୋକ ମତଲବ ନଥିଲେ ସମ୍ପର୍କ ଯୋଡ଼ନ୍ତିନି । ହେଲେ ୟାଙ୍କର ମତଲବ କ'ଣ ? ଦୀର୍ଘ ଏକଘଣ୍ଟା ଧରି ଯାହା ସମ୍ପର୍କରେ ନକରାତ୍ମକ ଚିନ୍ତାଧାରା ମୋର ଥିଲା, ମନେ ମନେ ଯାହାକୁ ଡରି ଯାଇଥିଲି, ହଠାତ୍ ତାଙ୍କର ବ୍ୟବହାର ମୋତେ ଯେତିକି ଆଶ୍ଚର୍ଯ୍ୟ କରିଥିଲା, ତାଙ୍କପ୍ରତି ଥିବା ଘୃଣାଭାବ ପାଇଁ ସେତିକି ଲଜ୍ଜିତ ଅନୁଭବ କଲି । ମଦ୍ୟପମାନେ ଯେ ଅସାମାଜିକ, ଏ ଚିନ୍ତାଧାରା ମୋ ମନରେ ସୃଷ୍ଟି କରିଥିବା ବ୍ୟକ୍ତିକୁ ମନେ ମନେ ଗାଳିକଲି । ମୋ ମନରେ ଅଜାଣତରେ ସୃଷ୍ଟି ହୋଇଥିଲା ତାଙ୍କ ପ୍ରତି ଅସମ୍ଭବ ଭକ୍ତି ଓ ଭଲପାଇବା । ଇଚ୍ଛାହେଲା ତାଙ୍କ ପାଦଛୁଇଁ ପ୍ରଣାମ କରିବାକୁ । ହେଲେ ଏ କ'ଣ ? ଘନ ଅନ୍ଧାର ଭିତରେ ସେ ଲୁଚିଯାଇଥିଲେ । ତାଙ୍କର ପରିଚୟ ଜାଣିବା ପୂର୍ବରୁ, ତାଙ୍କ ସହ ନିଜ ଭିତରେ ଜନ୍ମିଥିବା ଏହି ଆବେଗିକ ସମ୍ପର୍କ ସୁଦୃଢ଼ ହେବା ଆଗରୁ ସେ ମୋ ଦୃଷ୍ଟି ଆଢୁଆଳରେ ଲୁଚିଯାଇଥିଲେ ଅପରିଚିତ ସମ୍ପର୍କୀୟ ହୋଇ ।

**ପି/୭, ନେତାଜୀ ସୁଭାଷ ଏନ୍‌କ୍ଲେଭ**
**ଗାଡକଣ, ମଞ୍ଚେଶ୍ୱର, ଭୁବନେଶ୍ୱର-୧୭**

## ଗହଣା

ବିଜନ ରାୟ

ମଟାଳ ମାଟିକୁ ପିନ୍ଧାଇଲା କିଏ ସାଗୁଆ ମଠାର ପାଟ
ଆକାଶ କାନ୍ଥରେ ଟଙ୍ଗାଇଲା କିଏ କମକରା ଚିତ୍ରପଟ ।
ଭୋଦୁଅ ସକାଳେ ଭୋଦେଇ ପବନ
ମଥାନରେ ଖଣ୍ଡ ମେଘ
ଗହୀର ବିଲରେ ଖରା ଛାଇ ଖେଳ
ଛାଇ ପଛ ଖରା ଆଗ ।
ବଢ଼ିଲା ନଈର ବେକେ ପିନ୍ଧାଇଲା
ଲହଡ଼ିର ରୂପା ମାଳି ।
ରାତି ପଣତରେ ଆଣି ବୋଳିଦେଲା ମହଣ ମହଣ କାଳ ।
ଉଆଁସକୁ ଦେଲା ତାରାର ଝାଲେରି
ପୁନେଇଁକୁ ଗୋଟା ଜହ୍ନ ।
ଚଇତି ସଞ୍ଜକୁ ଚୋରା ଚଇତାଳି ଫଗୁଣେ ଫୁଲେଇ ମନ
ଭସା ବଉଦରେ ଭରିଦେଲା କିଏ ମାଠିଆ ମାଠିଆ ପାଣି ।
ସକାଳ ଡ଼େଣାରେ ସୁନା ରଙ୍ଗ ପର କାକର ମୁକୁତା ଆଣି ।
ବଣ ପାହାଡ଼କୁ କିଏ ରଙ୍ଗେଇଲା ହାତେ ଧରି ରଙ୍ଗ ତୁଳୀ ।
ତୋତେ ଦେଲା ବଟା ହଳଦୀର ରଙ୍ଗ ଆଖିରେ ସମୁଦ୍ର
ନେଳି ।
ବଇଶାଖ ଓଠେ ଫୁଟାଇଲା କିଏ କୃଷ୍ଣଚୂଡ଼ା ନାଲି ହସ
ଲଗାଇଲା ତୋଠି ଲାଜର ଗହଣା ଘୋରା ଚନ୍ଦନର ବାସ

ସି.ଏଚ.ପି.-୬୦, କାନନ ବିହାର,
ଫେଜ୍-୧, ଭୁବନେଶ୍ୱର-୩୧

## ସମୁଦ୍ର କେତେ ଦୂର

ବିନୟ କୁମାର ମହାପାତ୍ର

ଜୀବନ ଯେ ନଦୀ ପରି ଯାତ୍ରାଟିଏ,
କିନ୍ତୁ ପଥ ଜଣାନାହିଁ,
ଗନ୍ତବ୍ୟ ଯେ ମହୋଦଧୀ
କେବଳ ଏତିକି ଜାଣିଛି ।
ଯେଉଁଠାରୁ ଆରମ୍ଭ ମୋ ପଥ,
ସେଇଠି ସମାପ୍ତ,
ବିଚିତ୍ର ଏ ସୃଜନୀର ତନ୍ତ୍ର ।

ଏଇ ଦେଖ ଶୁଭେ
କରାଳ ସମୁଦ୍ରର ଡାକ
ଜାଣିଛି ମୁଁ ବେଶିଦୂରେ ନୁହେଁ
ଜୀବନ ମୋ ସମୁଦ୍ର ନିକଟ ।

ଆଜି ନ ହେଲେ ନାଇ
କାଲି ଯେ ସରିବ ଏ ଯାତ୍ରା,
କିନ୍ତୁ ସରେନାହିଁ କେବେ
ମଣିଷ ଜୀବନର ଗାଥା ।

ନଦୀ କିବା ମରିଯାଏ କେବେ ରବିତଳେ,
ବୋହି ଚାଲିଥାଏ ସିନା ଅମୀୟର ଧାରା,
ଧରଣୀର କୋଳେ ସଦା କାଳେ ।

ଜୀବନ ତ ନଦୀଟିଏ ପରି ହେଲେ
ମରେ ନାହିଁ ମୃତ୍ୟୁ ସାଥେ ସାଥେ ।

ମୃତ୍ୟୁଞ୍ଜୟୀ ସିଏ,
ଜିତିପାରେ ସକଳ ହୃଦୟ
କେବଳ ନିଜ ପ୍ରେମବଳେ ।

## ଧ୍ୱଂସ ପଥେ

(ପରକୀୟା ପ୍ରେମ ଆଇନ ସମ୍ମତ ହେଲାପରେ)

ବିଦ୍ୟୁତଲତା ଦାସ

ଆସ ଆମେ ସବୁ ଭିଡ଼ି ନେବା
ସବୁଜ ପୃଥିବୀର ଏ ସୁନ୍ଦର ବୁକୁରୁ
ସୁଶୋଭିତ ସାତରଙ୍ଗୀ ସମସ୍ତ ଉତ୍ତରୀ
କରିଦେବା ତାକୁ ଆଜି
ଆଚରଣହୀନ ଏକ ପାଷାଣ ପ୍ରତିମା
ଯାହାର ନଥିବ କିଛି
ହୃଦୟ ଓ ଆବେଗର
ମୁକ୍ତ ଅନୁଭବ,
ଛଳ ଛଳ ନୟନରୁ
ଝରିବାର ସମ୍ଭାବନା ସବୁ
ସ୍ଥିର, ସ୍ଥବିରତା ନେଇ
ମୂଢ଼, ନିର୍ବାକ ପ୍ରସ୍ତର ସାଜି
ଆଉ ଏକ ପ୍ରଳୟର ଅପେକ୍ଷାରେ ଥିବ ।

ମହାନ ଏ ମାଟି ଯଦି ଭୁଲିଯାଏ
ମା'ର ମର୍ଯ୍ୟାଦା ସହ
ମାତୃତ୍ୱର ସ୍ପର୍ଶ ସଞ୍ଜିବନୀ
ଶୃଙ୍ଖଳିତ ସମାଜର କାଳଜୟୀ ଆକର୍ଷଣ
ଶାଶ୍ୱତ ସଂପର୍କର ସେ ସ୍ୱଚ୍ଛ ସୁରଧୁନୀ ।

ସମଗ୍ର ବିଶ୍ୱ ବୁକୁରେ
ଅସରନ୍ତି ଆଲୋକର
ଶେଷହୀନ ପ୍ରଜ୍ଞାପୀଠ ଯା'ର ପରିଚୟ
କେଉଁ ଜ୍ଞାନକୁ ଆବୋରି
କେଉଁ ପଥେ ଗତି ତା'ର
ନିଜ ହାତେ ହରାଉଛି ମାତୃ ବରାଭୟ !

ପରକୀୟା ଆକର୍ଷଣ
ସବୁରି ପ୍ରାରମ୍ଭ ସ୍ତରେ ନାରୀ ଆଉ
ନାରୀତ୍ୱର ଚରମ ଲାଂଛନା,
କେଉଁ ଗୌରବର ମୋହ
ଅବା ସୌରଭର ସୁରଭିରେ ସୁରଭିତ
ହେବ ଏହି ପ୍ରାଚୀନ ପ୍ରସିଦ୍ଧ ପ୍ରଜ୍ଞାପୀଠ
ଅର୍ବାଚୀନ ଆଇନର ବାହୁଚ୍ଛାୟା ତଳେ,
ପୌରୁଷର ପ୍ରତିଷ୍ଠା ନା ନିର୍ଲଜ ଛଳନା ???

ମଙ୍ଗଳପୁର, ଯାଜପୁର

## ଦୁଇ ପିଆଲା ଚା'

ସୁଜାତା ମିଶ୍ର

ଚା' ପର୍ବରେ ପୁଣି ଥରେ
ତମ ସହ ଭେଟ ହେଲା
ଆକାଶରେ ଅଳ୍ପ ମେଘ ସହ
ସୂର୍ଯ୍ୟ ଥିଲା
ଖୁବ୍ ଶାନ୍ତ ବାତାବରଣ
ଜାପାନରେ କୁଆଡ଼େ ଚା'ପାନ
ଏକ ଅନୂଢ଼ା ପର୍ବ
ତୁମେ ପିଆଲାରେ ସୁର
ଗୁନ୍ଥୁ ଥାଅ ସବୁ ଦିନ ପରି
ମୋଟା ଚଷମା ଫ୍ରେମ୍
ବାମ୍ଫରେ ସିଝୁ ଥାଏ
ଆଉ ମୁଁ ତମକୁ ସତରେ
ଦେଖି ପାରୁନଥାଏ
ମୋ ଆଖି ବୋଧେ ଭିଜୁଥାଏ
ବିନା ବାମ୍ଫରେ
ଶୁଣିଚି ଦାର୍ଜିଲିଂର ପାହାଡ଼ି
ଚା' କଥା
କଞ୍ଚା ଚା' ପତ୍ରର ଅପୂର୍ବ ସ୍ୱାଦ
ତୁମେ ଇ ଏସବୁ କହିଚ
ମନେ ପଡ଼ିଲା ଏବେ -
ଢେଉ ପରି ବିତି ଯାଇଥିବା
ଓ ବିତୁଥିବା ଘଟଣାରେ
ଅନେକ ଫରକ୍

ଚା' ଥଣ୍ଡା ହେଇ ଯାଇଥିଲା
ମୁଁ ଭିତରକୁ ଉଠିଗଲି
ବାହାରେ କି କାଲୁଆ ପବନ
ମଣିଷ କଣ ପ୍ରକୃତିକୁ ପାରେ
ତୁମେ ବି ଉଠିଲ
ସେଦିନ ରାତି ଡ୍ୟୁଟି ଥିଲା

ଗାନ୍ଧି ନଗର, ଗୁଜୁରାଟ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ